# ଭଏସ୍ ଅଫ୍ ଭିକ୍ଟିମ୍ସ

## Voice of VictiMs

RNI Regd. No. :ODIMUL/2023/89182 — Weekly Multilingual — Rs - 5.00

ଭାଗ: ୩, ସଂଖ୍ୟା: ୪, ଭୁବନେଶ୍ୱର, ଡିସେମ୍ବର ୧୫- ଡିସେମ୍ବର ୨୧, ୨୦୨୫, Vol: 3, Issue: 4, Bhubaneswar, December 15- December 21, 2025 Pages- 8



ପୃଷ୍ଠା ୪ ସମ୍ପାଦକୀୟ : ବନ୍ଦେଭାରତ : ସରସତିଆ ଖଜା

ପୃଷ୍ଠା ୮ ଇଚ୍ଛାମୃତ୍ୟୁ ପାଇଁ ସୁପ୍ରିମକୋର୍ଟରେ ଆବେଦନ


**ଗଭର୍ଣ୍ଣମେଣ୍ଟ୍‌ର ସିଧାସଳଖ ଅର୍ଥ ସରକାର । ତେଣୁ ସେହି ଆଧାରରେ ଗଭର୍ଣ୍ଣାନ୍ସ କହିଲେ କ'ଣ, ତାହା ସହଜରେ ବୁଝି ହେଉଛି, କିନ୍ତୁ ଏହାର ସଠିକ ଗୋଟିକିଆ ଓଡ଼ିଆ ପ୍ରତିଶବ୍ଦ ହୁଏତ ମିଳିବ ନାହିଁ। ସରକାର କହିଲେ ଯାହା ବୁଝାଏ ତାହା ସୀମିତ ରହିବ, କିନ୍ତୁ ସରକାରୀ ରୀତି ନୀତି ଓ ତା'ର କାର୍ଯ୍ୟକଳାପ ଯୋଗୁଁ ଜନସାଧାରଣଙ୍କ ଜୀବନଧାରଣର ମାନ ଉପରେ ଏହାର ବିପୁଳ ପ୍ରଭାବ ପଡିବ। ଏହାକୁ ହିଁ ପ୍ରକାରାନ୍ତରେ ମିନିମମ୍ ଗଭର୍ଣ୍ଣମେଣ୍ଟ୍ ଓ ମାକ୍ସିମମ୍ ଗଭର୍ଣ୍ଣାନ୍ସ ବୋଲି ଗ୍ରହଣ କରାଯାଇପାରେ। ଏହି କଥା କହି ବର୍ତ୍ତମାନର ସରକାର କିଛି ବର୍ଷ ତଳେ ଆମ ଦେଶକୁ ଏକ ପ୍ରକାର ଆଲୋଡନମୂଳକ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ପରିସ୍ଥିତି ବଦଳି ଯାଇଛି। ଆଜି ଏହି ସ୍ଲୋଗାନ୍ ଉପରେ ବିଭିନ୍ନ ପ୍ରତିଷ୍ଠିତ ଟିଭି ଚ୍ୟାନେଲ୍ କିମ୍ବା ସୋସିଆଲ୍ ମିଡିଆରେ ବିଶେଷ କିଛି ଆଲୋଚନା ହେଲା ଭଳି ମନେହେଉ ନାହିଁ। ଘଟଣା ବହୁଳ ବର୍ଷ ୨୦୨୫ ବିଦାୟ ନେବା ପାଇଁ ମାତ୍ର ଆଉ କିଛି ଦିନ ବାକିଥିବା ବେଳେ ଏହି ସ୍ଲୋଗାନ୍ ଓ ତା'ର ସାଙ୍କେତିକ ପ୍ରଭାବକୁ ନେଇ ପ୍ରାସଙ୍ଗିକ ଆଲୋଚନା କରିଛନ୍ତି ଅବସରପ୍ରାପ୍ତ ଗ୍ରୁପ୍ କ୍ୟାପେଟେନ୍**


ସଞ୍ଜୀବ କୁମାର ମହାପାତ୍ର ।


# ମିନିମମ୍ ଗଭର୍ଣ୍ଣମେଣ୍ଟ୍ ମାକ୍ସିମମ୍ ଗଭର୍ଣ୍ଣାନ୍ସ




ଦେଶ ସ୍ୱାଧୀନ ହେଲା ବେଳକୁ ଆମର ଅବସ୍ଥା ଥିଲା ଅତ୍ୟନ୍ତ ଦୟନୀୟ । ଉତ୍କଟ ଦାରିଦ୍ର୍ୟ, ବଢ଼ି, ମରୁଡି ଓ କ୍ରମାଗତ ଦୁର୍ଭିକ୍ଷ ଥିଲା ଆମର ଚିର ସହଚର। ପ୍ରଥମ ତିନି-ଚାରି ଦଶନ୍ଧି ଧରି ନିହାତି ମନ୍ଥର ଗତିରେ ବଢିଥିବା ଆମ ଅର୍ଥନୀତିକୁ ହିନ୍ଦୁ ରେଟ୍ ଅଫ୍ ଗ୍ରୋଥ୍ ବୋଲି ଅଭିହିତ କରାଯାଉ ଥିଲା। ଗୁରୁତର ଖାଦ୍ୟ ସଙ୍କଟ ହେତୁ ଆମେ ଭିକ୍ଷୁକ ଭଳି ହାତ ପାତିବାକୁ ବାଧ ହେଉଥିଲୁ ଆମେରିକା ତଥା ଅନ୍ୟ କେତେକ ଅନ୍ତର୍ଜାତୀୟ ସଂଗଠନ ଆଗରେ। ସ୍ୱାକ୍ଷରତାର ହାର ଥିଲା ସ୍ୱାଧୀନତା ବେଳେ ପ୍ରାୟ ୧୨ ପ୍ରତିଶତ। ଗ୍ରାମ୍ୟ ଅଞ୍ଚଳରେ ବିଦ୍ୟୁତ ସଞ୍ଚାଳନ ପ୍ରାୟ ନଥିଲା କହିଲେ ଚଳେ। ଦେଶର ସମୁଦାୟ ଇଲେକ୍ଟ୍ରିସିଟି ଉତ୍ପାଦନ ଥିଲା ୧୨୫୦ ମେଗାୱାଟ। ସ୍ୱାସ୍ଥ୍ୟ ସେବା କଥା ନକହିଲେ ଭଲ। ହଇଜା ଓ ବସନ୍ତ ଭଳି ସଂକ୍ରାମକ ରୋଗ ଏବଂ ସଂକ୍ରମଣ ବା ଇନଫେକ୍ସନ୍ ଜନିତ ମୃତ୍ୟୁ ହାର ଥିଲା ଆମ ପାଇଁ ଏକ ବିକଟାଳ ଅଭିଶାପ। ଆମର ଖଣିଜ ପଦାର୍ଥ, କୃଷିଜନିତ ଦ୍ରବ୍ୟ ଓ ଅନ୍ୟାନ୍ୟ କଞ୍ଚାମାଲ କେବଳ ରପ୍ତାନି ହେଉଥିଲା ସିନା ତାହା ସବୁକୁ ଉପଯୋଗ କରି ଗୁଣାତ୍ମକ ଉତ୍ପାଦନ ପାଇଁ ଦେଶ ଭିତରେ କାରଖାନା ଥିଲା ସ୍ୱପ୍ନ ପ୍ରାୟ। ଆଜିକାଲିର ବ୍ୟାଙ୍କ୍ କହିଲେ କ'ଣ ବୁଝାଏ ତାହା ଗାଁ ଗହଳିରେ ରହୁଥିବା ଲୋକେ ଦେଖି ନଥିଲେ କି ଜାଣି ନଥିଲେ। ଅନଗ୍ରସରତା ଓ ଦାରିଦ୍ର୍ୟର ଆଉ ଅଧିକ ବର୍ଣ୍ଣନା ଅନାବଶ୍ୟକ। ସେଦିନ ଓ ଆଜି ଭିତରେ ଆକାଶ-ପାତାଳର ଫରକ। ଚାରି ଟ୍ରିଲିଅନ ଡଲାରର ଜିଡିପି ସହିତ ବର୍ତ୍ତମାନ ପୃଥିବୀର ଆମେ ଚତୁର୍ଥ ବୃହତ୍ତମ ଅର୍ଥନୀତି। ଯଦି କେବଳ ଟଙ୍କା ଦେଇ କେତେ ପରିମାଣର ଜିନିଷ ଓ ସେବା ଅର୍ଥାତ୍ ସର୍ଭିସ୍ କିଣା ଯାଇପାରିବ ତା'ର ହିସାବ କରାଯାଏ ତେବେ ଆମେ ବିଶ୍ୱର ତୃତୀୟ ଅର୍ଥ ବ୍ୟବସ୍ଥା (ଚିନ୍ ପ୍ରଥମ ଓ ଆମେରିକା ଦ୍ୱିତୀୟ) ବୋଲି କୁହାଯାଇ ପାରିବ। ଦେଶର ସାକ୍ଷରତା ହାର ବର୍ତ୍ତମାନ ପ୍ରାୟ ଶତକଡା ୮୨ ଭାଗ। ସ୍ୱାଧୀନତା ବେଳେ ହାରାହାରି ଜୀବନ ବର୍ଷ ଥିଲା ୩୨ ବର୍ଷ। ବର୍ତ୍ତମାନ ତାହା ପ୍ରାୟ ୭୨ ବର୍ଷରେ ପହଞ୍ଚିଲାଣି। କାଁ ଭାଁ ଘଟଣା ଛାଡ଼ିଦେଲେ ଅନାହାର ଯୋଗୁଁ ମୃତ୍ୟୁ ଆଉ ଶୁଣିବାକୁ ମିଳୁ ନାହିଁ। ବିଦ୍ୟୁତ୍ ଶକ୍ତି ବର୍ତ୍ତମାନ ୯୫ ଭାଗ ଅଞ୍ଚଳରେ ଉପଲବ୍ଧ। ବସନ୍ତ ଓ ପୋଲିଓ ରୋଗ ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ। ଯକ୍ଷ୍ମା ହଇଜା ଓ କୁଷ୍ଠ ରୋଗ ଯଥେଷ୍ଟ ମାତ୍ରାରେ ନିୟନ୍ତ୍ରିତ। ଶିଶୁ ମୃତ୍ୟୁହାର ଯଦିଓ ଅନ୍ୟ ବିକଶିତ ଦେଶ ତୁଳନାରେ ଅଧିକ ରହିଛି, ଶୀଘ୍ର ଆମେ ସେହି ସ୍ତରକୁ ଚାଲିଯିବା। ପର୍ଯ୍ୟଟନ ସଡକ ପରିବହନ, ବେସାମରିକ ବିମାନ ଚଳାଚଳ, ବନ୍ଦର, ସଫ୍ଟୱେର୍ ଡେଭଲପମେଣ୍ଟ, ଆଇଟି, ମୋବାଇଲ କନେକ୍ଟିଭିଟି ତଥା ବ୍ୟାଙ୍କିଙ୍ଗ ଓ ଫାଇନାନ୍ସ କ୍ଷେତ୍ରରେ ଅଭୂତ ପୂର୍ବ ଉନ୍ନତି ଆସିଛି। ଦେଶର ଉତ୍ପାଦନ ଅଭିବୃଦ୍ଧି ହୁଏତ ବର୍ତ୍ତମାନ ପାଇଁ ଟିକିଏ ଶିଥିଳ ମନ୍ଥର ମନେ ହୋଇପାରେ କିନ୍ତୁ ସେଥିରେ ମଧ ଆମର ଭବିଷ୍ୟତ ମଧ ଉଜ୍ଜ୍ୱଳ। ଯେଉଁ ଦେଶ ସତୁରୀ ବର୍ଷ ତଳେ ଚାଳିଶ କୋଟିର ନଗରିକମାନଙ୍କ ଖାଦ୍ୟଶସ୍ୟ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିଲା ଆଜି ତାହା ୧୪୫ କୋଟିର ଜନ ସଂଖ୍ୟାକୁ ଖୁଆଇ ସାରିବା ପରେ ବିଦେଶକୁ ରପ୍ତାନୀ କରୁଛି ମଧ। ମୋଟ୍ ଉପରେ ଆମେ ଏକଦା ସାପୁଆ କେଳାର ଦେଶ ବୋଲି ଭାବମୂର୍ତ୍ତି ରଖିଥିବା ବେଳେ ଆଜି ବିଶ୍ୱ ଦରବାରରେ ଏକ ନେତୃତ୍ୱ ସ୍ଥାନୀୟ ଦୃଢ଼ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦା ପାଇବା ପାଇଁ ହକ୍‌ଦାର ହୋଇଗଲୁଣି। ଆମେ ସଂବାଳୁଆରୁ ପ୍ରଜାପତି କେମିତି ହେଲୁ। ଶ୍ରେୟ କାହାକୁ ଦିଆଯିବ କିମ୍ବା ଏହି କ୍ରମ ପରିବର୍ତ୍ତନ ପଛରେ କେଉଁ ରାଜନୈତିକ ଦଳ ବେଶୀ କିମ୍ବା କେଉଁ ରାଜନୈତିକ ଦଳ ଅଳ୍ପ ଅବଦାନ ଦେଇ କାମ କରିଛି ତା' ଉପରେ ଟିପ୍ପଣୀ କରିବା ଏହି ଲେଖାର ଅସଲ ଉଦ୍ଦେଶ୍ୟ ନୁହେଁ। ଅସଲ କଥା ହେଲା ଦେଶର ଏହି ଉନ୍ନତି ପଛରେ ସରକାରୀ ଉଦ୍ୟମ ତଥା ଘରୋଇ ଉଦ୍ୟୋଗ ଗୁଡ଼ିକର ଯଥେଷ୍ଟ ଅବଦାନ ରହିଛି। କିନ୍ତୁ ଯାହା ଆଜି ଆମେ ଦେଖି ମଧ ବାଧ ହୋଇ ଦେଖି ନପାରିବାର ଅଭିନୟ କରୁଛୁ ତାହା ହେଲା



ପ୍ରଶାସନିକ ଅବହେଳାର କେତୋଟି କୁତ୍ସିତ ଦିଗ। ଉଦାହରଣ ସ୍ୱରୁପ ସାକ୍ଷରତା ବଢ଼ିଛି ସତ କିନ୍ତୁ ଶିକ୍ଷାର ଗୁଣାତ୍ମକ ମାନ ତଥା ସର୍ବାଙ୍ଗୀନ ଉନ୍ନତି ହୋଇଛି କି ? ବେସରକାରୀ ସ୍କୁଲ ପଣକୁ ପଣ, କିନ୍ତୁ ସରକାରୀ ସ୍କୁଲରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ। ଉଚ୍ଚଶିକ୍ଷା ଆଜି ଏକ ବ୍ୟବସାୟରେ ପରିଣତ ହୋଇଛି ଯାହାକୁ ଅସ୍ୱୀକାର କରାଯାଇ ପାରିବ କି ? ଅପରାଧୀମାନଙ୍କୁ ଦଣ୍ଡ ଦେବା ଓ କ୍ରିମିନାଲ୍ ଜଷ୍ଟିସ୍ ସିଷ୍ଟମ୍ ସୁରୁଖୁରୁରେ କାମ କରୁଛି କି ? ଯେଉଁ ମକଦ୍ଦମା ଦୁଇ-ତିନି ବର୍ଷ ଭିତରେ ଫଇସଲା ହୋଇଯିବା କଥା ତାହା ଆଜି ସାତ- ଆଠ ବର୍ଷ କିମ୍ବା ସ୍ଥଳବିଶେଷରେ ଦଶ-ପନ୍ଦର ବର୍ଷରେ ମଧ ଛିଡୁ ନାହିଁ। ଯେତିକି ବିଚାରପତି ରହିବା କଥା ତାହାଠାରୁ ଯଥେଷ୍ଟ କମ୍ ବିଚାରପତିଙ୍କୁ ନେଇ କାମ ଚାଲିଛି। ଯେଉଁ ଦଳ କ୍ଷମତାରେ ଥାଉନା କାହିଁକି ସେମାନେ ଏହି ଦିଗରେ ଧ୍ୟାନ ଦେଉ ନାହାନ୍ତି। ସତୁରୀ ଅଶୀ ଦଶକ ପର୍ଯ୍ୟନ୍ତ ଦେଶର ବିଧାୟକ ତଥା ସାଂସଦମାନଙ୍କ ଭିତରୁ କିଏ କେମିତି ଜଣେ ଅଧେ ଥିଲେ ଯାହାଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରହିଥିଲା କିନ୍ତୁ ଆଜି ପ୍ରାୟ ଶତକଡା ୪୦ ଭାଗ ଏମ୍.ପି ଓ ଏମ୍.ଏଲ୍.ଏ'ଙ୍କ ବିରୁଦ୍ଧରେ ଗୁରୁତର ଅପରାଧିକ ମାମଲା ରହିଛି। ଅବଶ୍ୟ ଅନେକ ନେତାଙ୍କ ବିରୁଦ୍ଧରେ ମିଛ ରାଜନୈତିକ ଉଦ୍ଦେଶ୍ୟ ରଖି ମାମଲା ରୁଜୁ କରାଯାଉଛି, କିନ୍ତୁ ଗୁଣ୍ଡା ଓ ବାହୁବଳୀ ଶ୍ରେଣୀର ଏହି ତତ୍ତ୍ୱମାନେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ହେବା ଚିନ୍ତାର ବିଷୟ ନିଶ୍ଚିତ। ଅନିୟନ୍ତ୍ରିତ ସହରୀକରଣ ଓ ଯାନବାହାନ ଯୋଗୁଁ ସୃଷ୍ଟି ହେଉଥିବା ପଲ୍ୟୁସନ୍ ପାଇଁ କିଛି ଦୀର୍ଘମିଆଦୀ ପ୍ଲାନ୍ ସରକାରଙ୍କ ପାଖରେ ଅଛିକି ? ସଡକ ଦୁର୍ଘଟଣା ଓ ନାରୀ ସୁରକ୍ଷା ପନ୍ଦର କୋଡ଼ିଏ ବର୍ଷ ତଳେ ଯାହା ଥିଲା ସେଥିରେ କିଛି ଉନ୍ନତି ଆସିଛି କି ?

ଅତୀତର ବ୍ରିଟିଶ ପ୍ରଶାସକମାନେ ପ୍ରାୟତଃ ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟା ପ୍ରତି ଉଦାସୀନ ଥିଲେ ଓ ଭାରତୀୟ ମାନଙ୍କୁ ହେୟ ଜ୍ଞାନ କରୁଥିଲେ। କିନ୍ତୁ ପୋଲିସ୍ ହୁଅନ୍ତୁ କି ପ୍ରଶାସକ ଅଥବା ଜଜ୍, ବ୍ରିଟିଶ୍ ଅଫିସର ମାନଙ୍କ ଦ୍ୱାରା ଉତ୍କୋଚ ନେବାର ଉଦାହରଣ ଥିଲା ବିରଳ। ସେମାନଙ୍କ ବ୍ୟକ୍ତିଗତ ସାଧୁତା ଥିଲା ଉଚ୍ଚକୋଟିର। କିନ୍ତୁ ଆଜି ଦେଶର ପ୍ରତ୍ୟେକ ଡିପାର୍ଟମେଣ୍ଟରେ ତଳୁ ଉପର ଯାଏଁ ଦୁର୍ନୀତିର ଚେର କେତେ ଯେ ଗଭୀର ତା' ସମସ୍ତେ ଜାଣନ୍ତି। ନେତା ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକା କେବେ ସରିବ ତା'ର ଠିକଣା ନାହିଁ। ଦୁଃଖର କଥା ଏହିସବୁ ସମସ୍ୟା କୌଣସି ପ୍ରାଇଭେଟ୍ କମ୍ପାନୀ କିମ୍ବା କୌଣସି ଆଉଟ୍-ସୋର୍ସିଙ୍ଗ ସଂସ୍ଥା ଦ୍ୱାରା ସମାଧାନ କରାଯାଇ ନପାରେ। ଏଥିପାଇଁ ଦରକାର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଓ ଦେଶର ନିର୍ବାଚିତ ଜନ ପ୍ରତିନିଧିମାନଙ୍କର ସ୍ୱେଚ୍ଛାକୃତ ସହଯୋଗ। କିନ୍ତୁ ସେମାନେ ଏ ଦିଗରେ ଯଥେଷ୍ଟ ସଚେତନ ଅଛନ୍ତି କି ? ଏକଦା ପଚାଶ ଓ ଷାଠିଏ ଦଶକରେ ଦେଶର ପର୍ଲିଆମେଣ୍ଟ ଅଧିବେଶନ ବର୍ଷକୁ ୧୪୦ଦିନ ପାଖାପାଖି ବସୁଥିବା ବେଳେ ଆଜି ତାହା ଅତିବେଶୀରେ ୬୦ କିମ୍ବା ୭୦ ଦିନ ଭିତରେ ସୀମିତ ହୋଇ ରହିଯାଇଛି। ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ବିନା ଯୁକ୍ତିତର୍କ କିମ୍ବା ପୁଙ୍ଖାନୁପୁଙ୍ଖ ଆଲୋଚନା ମାଧ୍ୟମରେ ନହୋଇ ପାସ୍ ହୋଇଯାଉଛି। ତା'ର କାରଣ ବିରୋଧୀ ଦଳ ଆଲୋଚନା ନୁହେଁ ୱାକ୍-ଆଉଟ୍ କରିବା ପାଇଁ ବେଶୀ ଆଗ୍ରହୀ। ଏହି ସବୁ କହିଲା ବେଳେ ମିନିମମ୍ ଗଭର୍ଣ୍ଣମେଣ୍ଟ୍ ମାକ୍ସିମମ୍ ଗଭର୍ନାନ୍ସ କଥା ସ୍ୱତଃ ମନକୁ ଆସେ। ସ୍ଲୋଗାନର ସ୍ୱରକୁ ସାମାନ୍ୟ କମେଇ ଦେଇ ଟିକିଏ ଅଣ୍ଟା ଭିଡିଦେଲେ ବହୁତ କିଛି ହୋଇପାରନ୍ତା। ତେବେ ଆମେ ୨୦୪୭ ସୁଦ୍ଧା ସେହି ଲକ୍ଷ୍ୟ 'ବିକଶିତ ଭାରତ' ଠାରୁ ଟିକେ ଦୂରରେ ଅଛୁ ସତ, କିନ୍ତୁ ସମୟ ବଦଳିଯିବ ନିଶ୍ଚୟ। ବିଳମ୍ବ ହୋଇପାରେ, କିନ୍ତୁ ଲକ୍ଷ୍ୟ ପୂରଣ ଅସମ୍ଭବ ନୁହେଁ।

# ବିପଦରେ ବିଦେଶାଗତ ପକ୍ଷୀ

## ● ଚିଙ୍ଗୁଡ଼ି ମାଫିଆଙ୍କ କବ୍‌ଜାରେ ଅସ୍ତରଙ୍ଗ ଉପକୂଳ ● ଖାଦ୍ୟାଭାବ ମୁଖ୍ୟ ସମସ୍ୟା

**ପୁରୀ (ଭିଓଭି) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ହେଉଛି ପ୍ରାକୃତିକ ପରିବେଶ, ସୌନ୍ଦର୍ଯ୍ୟର ଗନ୍ତାଘର ଏବଂ ଜୈବ ବିବିଧତା ସମନ୍ୱୟର ପର୍ଯ୍ୟଟନ କ୍ଷେତ୍ର । ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ, ଗଙ୍ଗାଦେବୀ ଓ କେଲୁଣୀ ମୁହାଁଣ ଏହାର ଅଂଶବିଶେଷ। ଶୀତ ଋତୁ ଆଗମନରେ ଉପକୂଳବର୍ତ୍ତୀ ଅସ୍ତରଙ୍ଗକୁ ବିଦେଶୀ ପକ୍ଷୀଙ୍କ ଆଗମନ ହୁଏ। ଏଠାକାର ଜୈବ ବିବିଧତା ବହୁ ଅଳ୍ପ ସଂଖ୍ୟକ ପର୍ଯ୍ୟଟନ କ୍ଷେତ୍ରରେ ଦେଖିବାକୁ ମିଳିଥାଏ। ଚଳିତ ବର୍ଷ ବିଦେଶୀ ପକ୍ଷୀ ଆଗମନ ସମୟ ପାଖେଇ ଆସୁଥିବା ବେଳେ ଉପକୂଳବର୍ତ୍ତୀ ପ୍ରାୟ ୫କିଲୋମିଟର ଆର୍ଦ୍ରଭୂମି ଚିଙ୍ଗୁଡ଼ି ମାଫିଆଙ୍କ କବ୍‌ଜାରେ ରହିବା ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ପାଲଟିଛି। ବିଦେଶାଗତ ପକ୍ଷୀଙ୍କ ବିଚରଣସ୍ଥଳୀ ଆର୍ଦ୍ରଭୂମିରେ ମାଫିଆମାନେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି ଓ ପୋଖରୀ ନିର୍ମାଣ କରିଛନ୍ତି। ଫଳରେ ଏବେ ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ପାଇଁ ଖାଦ୍ୟ ସଙ୍କଟ ଦେଖାଗଲାଣି। ତେଣୁ ସେମାନେ ଏ ସ୍ଥାନ ଛାଡି ଅନ୍ୟତ୍ର ଚାଲି ଯାଉଥିବା ଦେଖିବାକୁ ମିଳୁଛି । ପରିବେଶବିତଙ୍କ କହିବା କଥା ଏଠାକାର ଆର୍ଦ୍ରଭୂମିର ସନ୍ତସନ୍ତିଆ ସ୍ଥାନରେ ବାସ କରୁଥିବା ଛୋଟ ମାଛ, କୀଟପତଙ୍ଗ, ଜଳଚର ଜୀବ, କଇଁ ନାଡ଼ ବିଦେଶୀ ପକ୍ଷୀଙ୍କ ପ୍ରିୟ ଖାଦ୍ୟ। ତେଣୁ ହଜାର ହଜାର ବିଦେଶୀ ପକ୍ଷୀ ସୁଦୂର ସାଇବେରିଆ, ମଙ୍ଗୋଲିଆ, ସାଉଥ ଆଫ୍ରିକା, ପାକିସ୍ତାନ, ଅଷ୍ଟ୍ରେଲିଆରୁ ହଜାର ହଜାର ମାଇଲ ଅତିକ୍ରମ କରି ଏଠାକୁ ଆସିଥାନ୍ତି। ଅକ୍ଟୋବର ମାସ ପ୍ରଥମ ସପ୍ତାହରୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ। ସେମାନେ ଗ୍ରୀଷ୍ମ ଆଗମନ ପରେ ଏଠାରୁ ବାହୁଡ଼ିଥାନ୍ତି। କିନ୍ତୁ ତନ୍ମଧ୍ୟରୁ କେତେକ ବିଦେଶୀ ପକ୍ଷୀ ଏ ସ୍ଥାନ ଛାଡିବାକୁ ପସନ୍ଦ କରିନଥାନ୍ତି। ମାତ୍ର ଖାଦ୍ୟାଭାବରୁ ପକ୍ଷୀମାନେ ସ୍ଥାନ ଛାଡୁଥିବା ଚିନ୍ତାର ବିଷୟ ପାଲଟିଛି ।





ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ,ଏଠାକୁ ପ୍ରତିବର୍ଷ ନରଦେନ ପିଣ୍ଟେଲ, ଗଡ଼ୱାଲ, ସେଲଡର ଡ଼କ, ହାଡ଼ଓ୍ୱାସ ଗ୍ଲୋସ, ଲିଟିଲ ଗ୍ରୀନ ହେରେନ ଭଳି ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ଆସନ୍ତି। ବିଦେଶାଗତ ପକ୍ଷୀଙ୍କ କୋଳାହଳରେ ଅସ୍ତରଙ୍ଗ ଉପକୂଳ ଆର୍ଦ୍ରଭୂମି ପ୍ରକମ୍ପିତ ହୁଏ। ସେମାନଙ୍କ ଜଳକ୍ରୀଡ଼ାକୁ ଉପଭୋଗ କରିବାକୁ ରାଜ୍ୟର କୋଣ ଅନୁକୋଣରୁ ଶୀତ ଋତୁ ଆସିଲେ କେଲୁଣୀ ମୁହାଁଣ, ଗଙ୍ଗାଦେବୀ, ଦେବୀ ନଦୀ ମୁହାଁଣ ବୁଲିବାକୁ ହଜାର ହଜାର ପର୍ଯ୍ୟଟକ ପ୍ରତିବର୍ଷ ଆସିଥାନ୍ତି। ଗୋଟିଏ ପାର୍ଶ୍ୱରେ ରାଜ୍ୟ ସରକାର ପର୍ଯ୍ୟଟନ ଶିଳ୍ପ ବିକାଶ କହୁଥିବା ବେଳେ ଏଠାରେ ଗତ ୫ବର୍ଷରେ ସେମିତି ଆଖି ଦୃଶିଆ ବିକାଶ ହୋଇନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳର ବୋଟ ଚାଳକ, ବ୍ୟବସାୟୀ ବିଦେଶୀ ପକ୍ଷୀଙ୍କ ସମାଗମ ସମୟରେ ପର୍ଯ୍ୟଟକମାନଙ୍କୁ ପକ୍ଷୀ ଦେଖାଇ ଉପାର୍ଜନ କରୁଥିବା ଅର୍ଥରେ ପରିବାର ଭରଣପୋଷଣ କରିଥାନ୍ତି। କିନ୍ତୁ ଗତ କିଛି ବର୍ଷ ହେବ ରାଜ୍ୟ ବାହାର ଚିଙ୍ଗୁଡ଼ି ମାଫିଆମାନେ ସ୍ଥାନୀୟ ଅଞ୍ଚଳର ମୁଷ୍ଟିମେୟ ବ୍ୟକ୍ତିଙ୍କୁ ହାତକରି ଦେବୀ ନଦୀ ନିକଟ ପ୍ରାୟ ୫କିଲୋମିଟର ଆର୍ଦ୍ରଭୂମିକୁ କବ୍‌ଜାରେ ରଖିଥିବା ଅଭିଯୋଗ ହେଉଛି। ସେମାନେ ବେଆଇନ ଘେରି ଓ ପୋଖରୀ କରିବା ଦ୍ୱାରା ବର୍ତ୍ତମାନ ରହୁଥିବା ପକ୍ଷୀଙ୍କୁ ବିଚରଣ କରିବା କ୍ଷେତ୍ରରେ ସମସ୍ୟା ହେଉଛି। ସେହିପରି ଖାଦ୍ୟ ଅଭାବ ଦେଖାଯାଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଅସ୍ତରଙ୍ଗ ବ୍ଲକ ପ୍ରଶାସନ ସବୁ ଜାଣି ଅଜଣା ରହିବା ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଆଉ କିଛି ଦିନ ପରେ ବିଦେଶୀ ପକ୍ଷୀ ପୁଣି ଅସ୍ତରଙ୍ଗ ଉପକୂଳ ଆସିବାକୁ ରହିଛି। ତେଣୁ ପୁରୀ ଜିଲ୍ଲାପ୍ରଶାସନ ଓ ପୁରୀ ଜିଲ୍ଲାପାଳ ଏବେ ଠାରୁ ଆର୍ଦ୍ରଭୂମି ସ୍ଥାନକୁ ଘେରିମୁକ୍ତ ନକଲେ ଚଳିତ ବର୍ଷ ଶୀତଦିନରେ ଦେବୀ ନଦୀ ଉପକୂଳ ପକ୍ଷୀ ସଂଖ୍ୟା ହ୍ରାସ ସହ ଏହାର ସିଧାସଳଖ ପ୍ରଭାବ ଜୈବ ବିବିଧତା ଉପରେ ପଡ଼ିବ ବୋଲି ସ୍ଥାନୀୟ ଅଂଚଳର ବରିଷ୍ଠ ଓ ଅଭିଜ୍ଞ ସାମ୍ବାଦିକ ବିଜୟ ବେହେରା ପ୍ରକାଶ କରିଛନ୍ତି। ବିଦେଶୀ ପକ୍ଷୀ ଓ ପର୍ଯ୍ୟଟକ ସଂଖ୍ୟା ହ୍ରାସ ପାଇଲେ ଅସ୍ତରଙ୍ଗ ପର୍ଯ୍ୟଟନକ୍ଷେତ୍ରରେ ତାର ଗରିମା ହରାଇବା ସହ ସ୍ଥାନୀୟ ଅଂଚଳରେ ଲୋକଙ୍କ ଜୀବିକା ପ୍ରଭାବିତ ହେବ ବୋଲି ପ୍ରକାଶ କରିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ, ପୁରୀ ଜିଲ୍ଲାପାଳ, ପୁରୀ ବନ୍ୟ ପ୍ରାଣୀ ବିଭାଗ ଏ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ବେଆଇନ ଘେରି ଉଚ୍ଛେଦ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# କଂଗ୍ରେସରୁ ବିଦା ହେଲେ ମୋକିମ୍

**ଭୁବନେଶ୍ୱର (ଭିଓଭି) :** ମହଙ୍ଗା ପଡ଼ିଲା ଦଳୀୟ ନେତୃତ୍ୱକୁ ଖୋଲାଖୋଲି ଚ୍ୟାଲେଞ୍ଜ। କଂଗ୍ରେସରୁ ବିଦା ହେଲେ ପୂର୍ବତନ ବିଧାୟକ ତଥା ଦଳର ଚାଣୁଆ ନେତା ମହମ୍ମଦ ମୋକିମ୍। ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱକୁ ନେଇ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିଥିଲେ ମହମ୍ମଦ ମୋକିମ୍ । ଫଳରେ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ମୋକିମ୍‌ଙ୍କୁ ବହିଷ୍କୃତ କରାଯାଇଛି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପ୍ରସ୍ତାବକୁ ଏଆଇସିସି ଅନୁମୋଦନ ସହ ଦଳ ବିରୋଧୀ କାର୍ଯ୍ୟ ପାଇଁ ମୋକିମ୍ କଂଗ୍ରେସରୁ ବହିଷ୍କୃତ ହୋଇଛନ୍ତି।କଂଗ୍ରେସ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇବାର କାହାର ଅଧିକାର ନାହିଁ ବୋଲି ରବିବାର ଦିନ କହିଥିଲେ ପିସିସି ସଭାପତି । ଯେଉଁମାନେ ବିଜେପି ସମ୍ପର୍କରେ ଅଛନ୍ତି ସେମାନେ ଦଳ ଛାଡ଼ି ଚାଲିଯାଆନ୍ତୁ । କଂଗ୍ରେସରେ ରହି ଦଳ ବିରୋଧୀ କାର୍ଯ୍ୟ କଲେ ସେମାନଙ୍କ ପାଇଁ ପାର୍ଟିରେ କୌଣସି ସ୍ଥାନ ନାହିଁ । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ରାହୁଲ ଗାନ୍ଧି ଏ ଦଳକୁ ଆଗକୁ ନେଉଛନ୍ତି । ତେଣୁ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇବା ଠିକ୍ ନୁହେଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ।



**ଦଳୀୟ ନେତୃତ୍ୱକୁ ଖୋଲାଖୋଲି ଚ୍ୟାଲେଞ୍ଜ ପାଇଁ ହେଲା ବଡ଼ ଆହ୍ୱାନ**

ସୂଚନା ଅନୁଯାୟୀ, ଗତ ୧୧ ତାରିଖରେ ରାଜ୍ୟ କଂଗ୍ରେସର ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଇଥିଲେ ବରିଷ୍ଠ ନେତା ମହମ୍ମଦ ମୋକିମ୍ । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱକୁ ସେ ଖୋଲା ଚ୍ୟାଲେଞ୍ଜ କରି ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିଥିଲେ । ଭକ୍ତ ଦାସ କଂଗ୍ରେସ ପାଇଁ ନୁହେଁ ବରଂ ଅନ୍ୟ ଦଳ ପାଇଁ କାର୍ଯ୍ୟ କରୁଛନ୍ତି । ରାଜ୍ୟରେ ଶାସକ ଦଳକୁ ସୁହାଇଲା ଭଳି କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ ।

ନୂଆପଡ଼ା ଉପନିର୍ବାଚନରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ କଂଗ୍ରେସ ଆଗକୁ ବଢ଼ିବା ବଦଳରେ ପୁଣି ଗୋଡ଼ ଟଣାଟଣିରେ ବ୍ୟସ୍ତ । ବିଭୀଷଣ ଉବାଚକୁ ନେଇ ଆରମ୍ଭ ହୋଇଥିବା ବିବାଦ ଉଗ୍ର ରୂପ ନେଇଛି । ସୋନିଆ ଗାନ୍ଧୀଙ୍କୁ ମୋକିମଙ୍କ ଚିଠି ପରେ ଦଳୀୟ କନ୍ଦଳ ଆହୁରି ତେଜିଛି । ମୋକିମଙ୍କ ଚିଠି ରାଜନୀତିକୁ ବରିଷ୍ଠ ନେତା ଜୟଦେବ ଜେନା, ସୁର ରାଉତରାୟ, ଅନନ୍ତ ସେଠୀ ପ୍ରମୁଖ ନାପସନ୍ଦ କରିଛନ୍ତି ।

# ପାରିବାରିକ କଳହର କରୁଣ ପରିଣତି

**କାକଟପୁର (ଭିଓଭି) :** ଦେଖିବାକୁ ମିଳିଛି ପାରିବାରିକ କଳହର କରୁଣ ପରିଣତି। ଦମ୍ପତିଙ୍କ ଝଗଡା ଶେଷରେ ଦେଖାଇଲା ମୃତ୍ୟୁର ବାଟ। ବୁଧବାର ସନ୍ଧ୍ୟା ସମୟରେ ଭଡା ଘରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା ଝିଲ୍ଲି ବିନ୍ଧାଣୀଙ୍କ ମୃତ ଶରୀର। ଖବର ମୁତାବକ, ଭଦ୍ରକ ଜିଲ୍ଲା ଚରମ୍ପା ବ୍ଲକ ଅଧୀନ ଖଣ୍ଡିଆ ବଜାର (ଆଦିବାସୀପଡ଼ା)ଅଂଚଳର କୁନା ବିନ୍ଧାଣୀଙ୍କ ଝିଅ ଝିଲ୍ଲି ବିନ୍ଧାଣୀ ଓ ପୁରୀ ଜିଲ୍ଲା ରାଇସପାଟପୁର ଅଂଚଳର ରବିସାହୁଙ୍କ ପୁଅ ଚିରଞ୍ଜିବି ସାହୁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ପରେ ବିବାହ ହୋଇଥିଲା। କିନ୍ତୁ ଚିରଞ୍ଜିବିଙ୍କ ଘର ଲୋକ ଘରେ ସ୍ୱୀକୃତି ନଦେବାରୁ ଦୀର୍ଘ ଦିନ ହେବ ଭଡା ଘରେ ରହୁଥିଲେ ଦମ୍ପତି। କିନ୍ତୁ ବିବାହର ୧୨ବର୍ଷ ମଧ୍ୟରେ ଚିରଞ୍ଜିବି,ଝିଲ୍ଲୀଙ୍କ ମଧ୍ୟରେ ଅନେକ ସମୟରେ କଳହ ହୋଇଥାଏ। କିଛି ଦିନ ପୂର୍ବେ ଏ ନେଇ ପୂର୍ବରୁ ଝିଲ୍ଲୀ ନିଜ ସ୍ୱାମୀ ଚିରଞ୍ଜିବିଙ୍କ ନାଁରେ କାକଟପୁର ଥାନାରେ ଅଭିଯୋଗ ମଧ୍ୟ ଦେଇଥିଲେ। କିନ୍ତୁ ପରିବାର ଗୁଜୁରାଣ ମେଣ୍ଟାଇବାକୁ ଦୁହେଁ କିଛି ମାସ ହେବ ଅସ୍ତରଙ୍ଗ ଅଂଚଳରେ ଭଡା ଘରେ ରହି ଅସ୍ତରଙ୍ଗ ବଜାର ଏକ ଟିଫିନ ସେଣ୍ଟର କରି ପରିବାର ଗୁଜୁରାଣ ମେଣ୍ଟାଉ ଥିଲେ। କିନ୍ତୁ ବାରମ୍ବାର କଳହ ଶେଷରେ ମୃତ୍ୟୁରେ ପରିଣତ ହେଲା। ବୁଧବାର ସନ୍ଧ୍ୟା ସମୟରେ ଚିରଞ୍ଜିବି ଓ ଝିଲ୍ଲୀଙ୍କ ମଧ୍ୟରେ ପାଟି ତୁଣ୍ଡ ହେବା ସହ ଚିରଞ୍ଜିବି ପତ୍ନୀ





ଝିଲ୍ଲୀଙ୍କୁ ମାଡ଼ ମାରିଥିବା ତାଙ୍କ ନାବାଳିକା ଝିଅ ଗଣମାଧ୍ୟମରେ ସାମ୍ନାରେ କହିଛନ୍ତି। କିଛି ଘଣ୍ଟା ମଧ୍ୟରେ ଅସ୍ତରଙ୍ଗ ବଜାରରେ ଭଡା ରହୁଥିବା ଘରେ ବନ୍ଦ କୋଠରୀ ମଧ୍ୟରେ ଝିଲ୍ଲୀଙ୍କ ମୃତ୍ୟୁ ହୋଇଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଁ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବାସହ ପୋଲିସ ଦେଖିଥିଲେ ଝୁଲନ୍ତା ଅବସ୍ଥାରେ ଝିଲ୍ଲୀଙ୍କ ମୃତ ଦେହ ରହିଥିଲା। ପୋଲିସ ଝିଲ୍ଲୀଙ୍କ ସ୍ୱାମୀ ଚିରଞ୍ଜିବିକୁ ଅସ୍ତରଙ୍ଗ ଥାନାରେ ଅଟକ ରଖି ପଚରା ଉଚରା କରିଥିବା ବେଳେ ଖବର ପାଇ ଗୁରୁବାର ଝିଲ୍ଲୀଙ୍କ ବାପଘର ଲୋକ ଅସ୍ତରଙ୍ଗ ଥାନାରେ ପହଂଚି ଝିଲ୍ଲୀ ମା 'ଜୟନ୍ତୀ ବିନ୍ଧାଣୀ ଅସ୍ତରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ।

ଅଭିଯୋଗ କୁ ଭିତିକରି କାକଟପୁର ଅତିରିକ୍ତ ତହସିଲଦାର ହେମଗିନୀ ମାଝୀ, ପୁରୀ ସାଇଣ୍ଟିଫିକ ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକ, କର୍ମଚାରୀ ପୁରୁଷୋତ୍ତମ ନାଥ, ଫଟୋଗ୍ରାଫର ରମେଶ ଚନ୍ଦ୍ର ବାରିକ, ଅସ୍ତରଙ୍ଗ ଥାନା ପୋଲିସ ପ୍ରମୁଖଙ୍କ ଉପସ୍ଥିତିରେ ବନ୍ଦ କୋଠରୀ ମଧ୍ୟରୁ ଖୋଲା ଯାଇ ଝିଲ୍ଲୀଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର ସହ ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ ସାଇଣ୍ଟିଫିକ ଟିମ୍ ଓ ପୋଲିସ ତଦନ୍ତ କରିଥିଲେ। ମୃତ ଦେହକୁ ଶବବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଝିଲ୍ଲୀଙ୍କ ସ୍ୱାମୀ ଚିରଞ୍ଜିବି ସାହୁ (୩୫)ଙ୍କୁ ଅସ୍ତରଙ୍ଗ ଥାନାରେ ଅଟକ ରଖି ଅଧିକ ପଚରା ଉଚରା କରୁଛି ପୋଲିସ। ଶୁକ୍ରବାର ଅଦାଲତ ଚାଲାଣ କରାଯିବ ବୋଲି ପୋଲିସ ତରଫରୁ ସୂଚନା ମିଳିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କିପରି ହେଲା ତାହା ସ୍ପଷ୍ଟ ଜଣା ପଡ଼ିବ ବୋଲି ଅସ୍ତରଙ୍ଗ ଥାନାଧିକାରୀ ଦୁର୍ଗା ଚରଣ ମହାପାତ୍ର ସୂଚନା ଦେଇଛନ୍ତି।



କାର୍ତ୍ତିକ ଚନ୍ଦ୍ର ପଣ୍ଡା
ମୋବାଇଲ୍- ୭୯୭୮୪୨୦୪୯୩

# କଦଳୀ ଚାଷ

## ଉଦ୍ୟାନ କୃଷି



କଦଳୀ ଏକ ସୁସ୍ୱାଦୁ ଫଳ, ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହିତକାରକ । ଏହାର କେତେକ ପ୍ରଜାତିକୁ ପରିବା ରୂପେ ବ୍ୟବହାର କରାଯାଏ । ଭିନ୍ନଭିନ୍ନ ଆକୃତି, ରଙ୍ଗ ଓ ସ୍ୱାଦରେ ଏହା ପିଲାଙ୍କ ଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରିୟ । ଏହାକୁ ପୃଥିବୀର ସର୍ବ ପ୍ରଥମ ଫଳ ରୂପେ ବିବେଚନା କରାଯାଏ , ତେବେ ଏହି ଗଛର ମୂଳ ଉତ୍ପତ୍ତି ସ୍ଥଳ ବିଷୟରେ ବିବାଦୀୟ ତଥ୍ୟ ରହିଛି ।

ଦକ୍ଷିଣପୂର୍ବ ଏସିଆର ମ୍ୟାଲେସିଆ ଜଙ୍ଗଲରେ ଏହାକୁ ପ୍ରଥମେ ଠାବ କରା ଯାଇଥିବା କୁହା ଯାଉଥିବା ବେଳେ, କେତେକ ଏହାର ମୂଳ ଉତ୍ପତ୍ତି ସ୍ଥଳ ଭାରତ ଓ ଫିଲିପାଇନ୍ସ ବୋଲି କହନ୍ତି । ତେବେ 'ବ୍ରହ୍ମବୈବର୍ତ୍ତ' ପୁରାଣ ତଥ୍ୟ ଆଧାରରେ ଅନୁସାରେ, କଦଳୀ ଗଛର ପ୍ରଥମ ସୃଷ୍ଟି ଭାରତବର୍ଷରେ ହୋଇଥିବାର ତଥ୍ୟ ରହିଛି। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଏହି ଫଳର ଗୁରୁତ୍ୱ ରହିଛି ।

ଏହାର ବୈଜ୍ଞାନିକ ନାମ Musasapientum

ସାରା ବିଶ୍ୱରେ ହଜାରରୁ ଉର୍ଦ୍ଧ୍ୱ ପ୍ରଜାତିର କଦଳୀ ଦେଖିବାକୁ ମିଳେ । ଆମ ସ୍ଥାନୀୟ ନାମକରଣ ଅନୁସାରେ ଏହାର ନାମ ପାଟକପୂରା, ବନ୍ତଳ, ଚମ୍ପା, ଶଙ୍କରା, ସିଙ୍ଗାପୁରୀ, ଓ ଆହୁରି ଅନେକ । ତେବେ ବ୍ୟବସାୟିକ ଭିତ୍ତିରେ ବାମନ ପ୍ରଜାତିର କଦଳୀ (ଉବଙ୍ଗରଭୟସୱଷ) ବହୁଳ ଭାବରେ ଚାଷ କରାଯାଏ ।ଏହି ଗଛ ଅଧିକ ଅମଳକ୍ଷମ ଓ ରୋଗ ପ୍ରତିରୋଧକ ଶକ୍ତିଥିବାରୁ ସାରାବିଶ୍ୱରେ, ଏହି ପ୍ରଜାତି କଦଳୀର ଚାହିଦା ରହିଛି । କଦଳୀରେ ପ୍ରଚୁର ମାତ୍ରାରେ ପଟାସିଅମ ମାଗ୍ନେସିୟମ, ଫାଇବର, ପ୍ରୋଟିନ, ଶ୍ୱେତସାର ଓ ଭିଟାମିନ ଆଦି ଥାଏ । ଏଥିରେ ଫ୍ୟାଟର ପରିମାଣ ଅତି ନଗଣ୍ୟ ଅର୍ଥାତ୍ ୦.୦୪ ପ୍ରତିଶତ ଥାଏ। ଶରୀର ପାଇଁ ଶକ୍ତି ପ୍ରଦାୟକ, ଉତ୍ତମ ରକ୍ତ ସଞ୍ଚାଳନ, ସୁନିଦ୍ରା, ହଜମ ପ୍ରକ୍ରିୟା ଓ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ କଦଳୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ମେଦ ବହୁଳତାକୁ ମଧ୍ୟ ହ୍ରାସ କରିଥାଏ । ସମଗ୍ର ଏସିଆ ଓ ଆଫ୍ରିକୀୟ ମହାଦେଶ, ଲାଟିନ ଆମେରିକାରେ କଦଳୀ ବହୁଳ ଭାବେ ଚାଷ କରାଯାଏ । ତେବେ କଦଳୀ ଉତ୍ପାଦନରେ ଆମ ଦେଶ ସର୍ବଦା ଶୀର୍ଷ ସ୍ଥାନରେ ରହି ଆସିଛି । ଦ୍ୱିତୀୟରେ ଚାଇନା ଓ ତୃତୀୟ ସ୍ଥାନରେ ଫିଲପାଇନ୍ସ ଆଦି ଦେଶମାନ ଅଛନ୍ତି। ଫିଲିପାଇନ୍ସ, ବ୍ରାଜିଲ ଓ ଏକ୍ୟୁଡରରେ କଦଳୀ ବହୁଳ ଭାବରେ ଚାଷ କରାଯାଏ । ତେବେ ଆମେରିକାରେ ପ୍ରଥମେ କଦଳୀ ଚାଷ ୧୬୦୦ ଶତାବ୍ଦୀରେ ଆରମ୍ଭ ହୋଇଥିଲା । ଭାରତ ଏକାକୀ ୨ କୋଟି ୯୦ ଲକ୍ଷ ଟନ କଦଳୀ ଅମଳ କରେ ତେବେ ପର୍ଯ୍ୟାପ୍ତ କଦଳୀ ଖାଇବାରେ ଏକ୍ୟୁଡରବାସୀ ସମସ୍ତଙ୍କ ଆଗରେ।

କଦଳୀଚାଷ ପାଇଁ ଉର୍ବର ମୃତ୍ତିକା, ଜଳ ନିଷ୍କାସନ ପାଇଁ ସୁବିଧା ଥିବା ଜମି ଆବଶ୍ୟକ। ମାଟି ଦୋରସା ଓ ହାଲୁକା ଥିଲେ, ଗଛ ଶୀଘ୍ର ବଢେ । କଦଳୀ ଗଛ ନିୟମିତ ଜଳସେଚନ ଆବଶ୍ୟକ କରିଥାଏ। କଦଳୀ ଗଛ ଫଳିବାକୁ ସାଧାରଣତଃ ଦଶ ମାସ ସମୟ ନିଏ । ଏହା ବିଶେଷ ଜତ୍ନ ଆବଶ୍ୟକ କରି ନଥାଏ । ବ୍ୟବସାୟିକ ଭିତ୍ତିରେ କଦଳୀ ଚାଷକଲେ, ହେକ୍ଟର ପିଛା ୭୦ ରୁ ୮୦ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ ଓ ବର୍ଷକୁ ୩ ରୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ଲାଭ ମିଳିଥାଏ ।



ଉନ୍ନତ ଚାଷ ପ୍ରଣାଳୀ ମାଧ୍ୟମରେ ଏକ ହେକ୍ଟର ଜମିରୁ ୨୦ ରୁ ୪୦ ମେଟ୍ରିକ ଟନ କଦଳୀ ଅମଳ ହୋଇଥାଏ । ଚାରାଗଛ ଗୁଡିକୁ ଜୁନ ୧୫ ତାରିଖରୁ ଜୁଲାଇ ମାସ ୧୫ ତାରିଖ ଭିତରେ ଲଗାଯାଏ । ଗୋଟିଏ ହେକ୍ଟରରେ ପ୍ରାୟ ଏକ ହଜାର ଚାରାଗଛର ଆବଶ୍ୟକତା ଆବଶ୍ୟକ ପଡିଥାଏ । ଚାରାଗଛ, ମୂଳ ଗଛରୁ ସଂଗ୍ରହ ହୋଇଥାଏ ଅଥବା ଉନ୍ନତ ମାନର ଟିସ୍ୟୁ କଲଚର ଚାରା ରୋପଣ କରଯାଏ । ପ୍ରଥମେ ଘଞ୍ଚ ଜଙ୍ଗଲରେ ଆବିଷ୍କୃତ ହୋଇଥିବା କଦଳୀ, ଅପେକ୍ଷାକୃତ କଠିନ ଓ ମଞ୍ଜିଯୁକ୍ତ ଥିଲା । ଏବେ ମଧ୍ୟ କେତେକ ପ୍ରଜାତିର ମଞ୍ଜିରୁ ନୂଆ ଗଛ ସୃଷ୍ଟି ସମ୍ଭବ ହେଉଛି ।



ସପ୍ତାହକୁ ଥରେ ଜଳସେଚନ ଆବଶ୍ୟକ କରୁଥିବା କଦଳୀ ବଗିଚାରେ ନିୟମିତ କୋଡାଖୁସା ଦରକାର ପଡିଥାଏ। ସୁସ୍ଥ ଗଛ ଓ ପରିପୁଷ୍ଟ ଫଳ ପାଇଁ ଜୈବିକ ଖତ ସହିତ ରାସାୟନିକ ସାର ଯଥା ନାଇଟ୍ରୋଜେନ, ପଟାସିୟମ, ଫସଫରସ ମ୍ୟାଗ୍ନେସିୟମ ଓ ସଲଫର ସାର ପ୍ରୟୋଗ ଜରୁରୀ ତେବେ କ୍ୟାଲସିୟମ ସାରର ପ୍ରୟୋଗ ମହତ୍ତ୍ୱପୂର୍ଣ୍ଣ । କେବଳ ମଞ୍ଜିକିଳା ଓ ପତ୍ରପୋଡ଼ା ରୋଗକୁ ସତର୍କ ରହିଲେ କଦଳୀ ଚାଷରୁ ଅଧିକ ଲାଭ ମିଳିଥାଏ । ପ୍ରଥମ ଅମଳ ପରେ ଗୋଟିଏ କିମ୍ବା ଦୁଇଟି କଦଳୀ ପୁଆ ରଖି ଅନ୍ୟଗୁଡିକ ନଷ୍ଟ କରି ଦିଆଯାଏ । ନଷ୍ଟ କରା ଯାଇଥିବା ଗଛରୁ ପୁନର୍ବାର ଗଛ ଉଠିବା ସମ୍ଭାବନା ଥିବାରୁ, କେତେ ଠୋପା କିରୋସିନି ତେଲ ଦେଲେ, ନୂଆ ଗଛ ଆଉ ବଢ଼ିବାର ସମ୍ଭାବନା ନଥାଏ । ଗୋଟିଏ କଦଳୀ ଫାର୍ମ ପ୍ରାୟ ସାତ ବର୍ଷ ପର୍ଯ୍ୟନ୍ତ ଅମଳ ଦେଇଥାଏ।

ଖ୍ରୀଷ୍ଟପୂର୍ବ ଦଶ ହଜାର ବର୍ଷ ତଳେ, ଭାରତ, ଦକ୍ଷିଣ ଏସିଆର ନିଉଗିନି ଓ ଫିଲିପାଇନ୍ସରେ, କଦଳୀ ଚାଷ ଆରମ୍ଭ ହୋଇଥିବାର ତଥ୍ୟ ରହିଛି । ସମୁଦାୟ ୧୩୫ ଟି ଦେଶରେ ବର୍ତ୍ତମାନ କଦଳୀ ଚାଷ କରାଯାଉଛି। ଆମ ରାଜ୍ୟର ମୃର୍ତ୍ତିକା ଜଳବାୟୁ ଆଦି କଦଳୀଳ-ଚାଷ ପାଇଁ ଅନୁକୂଳ ହୋଇଥିଲେ ମଧ୍ୟ ଚାଷୀମାନେ ଆଗ୍ରହ ଦେଖାଇ ନଥାନ୍ତି । ତେଣୁ ଆମେ ପ୍ରାୟତଃ କଦଳୀ ପାଇଁ ଆନ୍ଧ୍ର ଓ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିଥାଉ । ଆଜିକାଲି ଗାଁ ଗଣ୍ଡା ମାନଙ୍କରେ ଥିବା ବାଡ଼ି ବଗିଚାରେ କଦଳୀ ଚାଷ ଦେଖିବାକୁ ମିଳୁନାହିଁ । ଯଦି କାଁ ଭାଁ କେଉଁଠି ମିଳୁଛି , ଯତ୍ନ ଅଭାବରୁ ସେଗୁଡିକ ବୁଦା ପାଲଟି ଯାଉଛି । କଦଳୀ ଆମ ସମାଜ ଓ ସଂସ୍କୃତି ସହିତ ଓତଃପ୍ରୋତ ଭାବେ ଜଡ଼ିତ। ହିନ୍ଦୁଧର୍ମର ଦେବଦେବୀ ମାନଙ୍କୁ କଦଳୀର ଭୋଗ ଅର୍ପଣ କରାଯାଏ। ପୂଜାପାଠ ଓ ଭୋଜିଭାତରେ କଦଳୀପତ୍ରର ଆବଶ୍ୟକତା ପଡ଼େ । କଞ୍ଚାକଦଳୀ, କଦଳୀମଞ୍ଜା ଓ ଭଣ୍ଡାକୁ ଲୋକମାନେ ଖାଦ୍ୟ ରୂପେ ବ୍ୟବହାର କରନ୍ତି । କଦଳୀରୁ ଚିପ୍ସ, ସସ୍ ଆଇସକ୍ରିମ ଓ କେକ୍ ଆଦି ପ୍ରସ୍ତୁତ ହୁଏ। କଦଳୀ ଗଛର ସମସ୍ତ ଅଂଶ, ମନୁଷ୍ୟର କାମରେ ଲାଗେ । ଏପରିକି ଗାଁ ଗଣ୍ଡାର ଗରିବ ଶ୍ରେଣୀର ଲୋକମାନେ, କଦଳୀପତ୍ର ଓ ତାର ଅନ୍ୟାନ୍ୟ ଅଂଶକୁ ପୋଡ଼ି ତାର ପାଉଁଶକୁ ଲୁଗାପଟା ସଫା କରିବା ପାଇଁ ବ୍ୟବହାର କରିଥାନ୍ତି । କାର୍ତ୍ତିକ ପୂର୍ଣ୍ଣିମାରେ କଦଳୀ ପାଟୁଙ୍ଗାରେ ଡଙ୍ଗା ତିଆରି କରି ନଦୀ ଓ ପୁଷ୍କରିଣୀରେ ଭସାଯାଏ ।

କଦଳୀଗଛ ଉତ୍ପତ୍ତି ବିଷୟରେ ଏକ ସୁନ୍ଦର କାହାଣୀର ବର୍ଣ୍ଣନା , ବ୍ରହ୍ମବୈବର୍ତ୍ତ ପୁରାଣରେ ରହିଛି । ଗଳ୍ପଟି ଠିକ୍ ଏହିପରି। ଔର୍ବ ଋଷିଙ୍କର କନ୍ଦଳୀ ନାମ୍ନୀ ଏକ ବିବାହ-ଯୋଗ୍ୟା କନ୍ୟା ଥିଲା । କନ୍ଦଳୀ ପ୍ରକୃତରେ ଗୋଟିଏ କଳିହୁଡୀ ଝିଅ ଥିଲା । ସେ ବିନା କାରଣରେ, ସମସ୍ତଙ୍କ ସହିତ କନ୍ଦଳ ଅର୍ଥାତ ଝଗଡା କରୁଥିଲା । କନ୍ଦଳୀର କଳିହୁଡୀ ପ୍ରକୃତିକୁ ସମସ୍ତେ ଜାଣିଥିଲେ ସେଥିପାଇଁ ତାକୁ କେହି ପତ୍ନୀ ଭାବରେ ଗ୍ରହଣ କରିବାକୁ ରାଜି ହେଉନଥିଲେ । ଋଷି ବଡ଼ ଚିନ୍ତାରେ ଥିଲେ । ସେ ଜାଣିଥିଲେ ଯେ କନ୍ଦଳୀର ଜନ୍ମଜାତ ସ୍ୱଭାବକୁ ବଦଳାଇବା ସମ୍ଭବ ନୁହେଁ । ଏଣେ ଏକମାତ୍ର ଝିଅର ବିବାହ ବୟସ ବି ଗଡ଼ି ଯାଉଥିଲା । ଶେଷରେ ଯେକୌଣସି ଉପାୟରେ ଝିଅକୁ ବିବାହ ଦେବାକୁ ସେ ସ୍ଥିରକଲେ । ସେ ନିଜର ଶିଷ୍ୟମାନଙ୍କ ଭିତରୁ, କାହାକୁ ହେଲେ କନ୍ଦଳୀକୁ ବିବାହ କରିବା ପାଇଁ ପ୍ରସ୍ତାବ ରଖିଲେ । କିନ୍ତୁ ଆଶ୍ରମ ପରିସରରେ ଥିବା ସମସ୍ତ ଅନ୍ତେବାସୀ କନ୍ଦଳୀର କଳହ ଗୁଣ ପ୍ରତି ଅବଗତ ଥିବାରୁ ,ତାକୁ କେହି ବିବାହ କରିବାକୁ ରାଜି ହେଲେନାହିଁ ।

ଶେଷରେ ଋଷି ନିରୁପାୟ ହୋଇ, ବନ୍ଧୁ ଦୁର୍ବାସାଙ୍କ ପାଖକୁ ଗଲେ । ନିଜର ସମବୟସ୍କ ଓ ସ୍ୱଭାବତଃ କ୍ରୋଧୀବନ୍ଧୁଙ୍କୁ ନିଜର କଳିହୁଡୀ ଝିଅକୁ ବିବାହ କରିବା ପାଇଁ ଅନୁରୋଧ କଲେ । ଦୁର୍ବାସା କିଛି ସମୟ ଚିନ୍ତା କଲେ, ଓ କନ୍ଦଳୀକୁ ବିବାହ କରିବାକୁ ଏକ ବିଚିତ୍ର ସର୍ତ୍ତ ରଖିଲେ । ସର୍ତ୍ତ ଅନୁସାରେ, କନ୍ଦଳୀର ମାତ୍ର ଦଶଟି ଦୋଷ ଋଷି , କ୍ଷମା ଦେବାକୁ ରାଜି ହେଲେ। କନ୍ଦଳୀ ମଧ୍ୟ ସର୍ତ୍ତ ଗୁଡିକ ମାନିନେଲା । ଋଷି ଔର୍ବଙ୍କର ଆଶ୍ରମରେ ବିବାହ ଅନୁଷ୍ଠିତ ହେଲା । ବିବାହ ପରେ, ଦୁର୍ବାସା ନିଜର ନବ ବିବାହିତା ପତ୍ନୀକୁ ଧରି ନିଜ ଆଶ୍ରମ ଅଭିମୁଖେ ଚାଲିଲେ । ଆଶ୍ରମଟି ଅନତୀ ଦୂରରେ ଥିବାରୁ, ଋଷି-ଦମ୍ପତି ପଦବ୍ରଜରେ ଯିବାକୁ ସ୍ଥିର କଲେ ।

ବାଟ ଚାଲୁଚାଲୁ କନ୍ଦଳୀ, ତାର ସ୍ୱଭାବବଶତଃ କଳି ଆରମ୍ଭ କରିଦେଲା ଓ ଅତି ଅଶ୍ରାବ୍ୟ ଭାଷାରେ ଋଷିଙ୍କୁ ଗାଳିଗୁଲଜ କରିବାକୁ ଲାଗିଲା । ଦଶଦୋଷ କ୍ଷମା କରିଦେବାକୁ ଋଷି ଆଗରୁ ସତ୍ୟ କରିଥିବାରୁ ନୀରବ ରହିଲେ । କ୍ରମଶଃ କନ୍ଦଳୀର ଗାଳି ବଢ଼ିବାରେ ଲାଗିଲା। ଆଶ୍ରମରେ ପହଞ୍ଚିଲା ବେଳକୁ କନ୍ଦଳୀର ୧୦ ଟି ଭୁଲ ହୋଇ ସାରିଥିଲା । ସେ କଳିରେ ବ୍ୟସ୍ତ ରହି ପୂର୍ବ ସର୍ତ୍ତ କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିଲା । କିନ୍ତୁ ଦୁର୍ବାସା ଭୁଲି ନଥିଲେ । ସ୍ୱାମୀ ଗୃହରେ ପହଞ୍ଚି, କନ୍ଦଳୀ ତା ଜୀବନର ଶେଷ ଭୁଲଟି ଆରମ୍ଭ କଲା । ସେ ଋଷିଙ୍କୁ ତାଚ୍ଛଲ୍ୟ କରି କହିଲା- 'ତୁମ ପରି ବୃଦ୍ଧକୁ ବାହାହୋଇ, ମୋ ଜୀବନ ନଷ୍ଟ ହୋଇଗଲା । ଖୁବ୍ ଶୀଘ୍ର ମୋତେ ବୈଧବ୍ୟ ଯନ୍ତ୍ରଣା ଭୋଗିବାକୁ ପଡି ପାରେ।'

ଋଷିମାନେ ସ୍ୱଭାବତଃ କ୍ରୋଧୀ । ଦୁର୍ବାସା ଋଷି ତ ସମସ୍ତଙ୍କ ଠାରୁ ଆଗରେ । ସେତେବେଳକୁ ଦଶ ଦୋଷ କ୍ଷମାର ଅବଧି ସରି ଯାଇଥିଲ। ଋଷି କନ୍ଦଳୀକୁ ଅଭିଶାପ ଦେଲେ, କହିଲେ- 'ଆଲୋ କନ୍ଦଳୀ ତୋ ବାପାକୁ ଦେଇଥିବା କଥା ଅନୁଯାୟୀ, ମୁ ତୋର ଦଶ ଦୋଷ କ୍ଷମା କରିସାରିଛି । ଆଉ ନୁହେଁ । ଏବେ ତୁ ଭସ୍ମ ହୋଇଯା'। ଶେଷକୁ କନ୍ଦଳୀ ନିଜର ଭୁଲ ବୁଝି ପାରିଲା ଓ ଦଣ୍ଡ କୋହଳ ପାଇଁ ଋଷିଙ୍କୁ ପ୍ରାର୍ଥନା କଲା। କନ୍ଦଳୀର ଅନୁରୋଧକୁ ରକ୍ଷା କରି ଋଷି କନ୍ଦଳୀକୁ ସେଦିନ ଏକ କଦଳୀ ଗଛରେ ରୂପାନ୍ତରିତ କରିଦେଲେ ।

ଋଷି ଅଭିଶାପରେ ପୋଡିଯାଇ ଯେଉଁ, ସ୍ଥାନରେ କନ୍ଦଳୀର ଚିତାଭସ୍ମ ପଡ଼ିଥିଲା, ସେଠାରେ ପ୍ରଥମ ଥର ପାଇଁ ଏକ କଦଳୀ ଗଛ ସୃଷ୍ଟି ହେଲା । କଳିହୁଡି କନ୍ଦଳୀ, ଏକ ପବିତ୍ର ଗଛରେ ପରିଣତ ହୋଇଗଲା । ଆମ ସମାଜରେ, ନିଜର ଅଲିଅଳି ଝିଅର ବାହାଘର କଲାବେଳେ କନ୍ୟାପିତା ଝିଅ ପାଇଁ ଦଶଦୋଷ କ୍ଷମା ମାଗିବାର ପରମ୍ପରା, ଏବେ ବି ରହିଛି ।

## ସଂ ପା ଦ କୀ ୟ

# ବନ୍ଦେଭାରତ : ସରସତିଆ ଖଜା

କୌଣସି ଉତ୍କଣ୍ଠା ନରଖି ଶୀର୍ଷକଟିର ଉଦ୍ଦେଶ୍ୟ ଆରମ୍ଭରୁ କହି ରଖୁଛି। ଏଇ ଦୁଇଦିନ ତଳେ ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ, ପୂର୍ବରୁ କେବେ ଯାଇନଥିବା ଅତ୍ୟାଧୁନିକ ବନ୍ଦେଭାରତ ଟ୍ରେନ୍ ଯୋଗେ ସମ୍ବଲପୁର ଯାଇ ସେଠାରେ କାମ ସାରି ଫେରିବା ପୂର୍ବରୁ ସମ୍ବଲପୁରର ପ୍ରସିଦ୍ଧ 'ସରସତିଆ' ଖଜା ଖାଇ ପୁଣି ସେଇ ଏକା ବନ୍ଦେଭାରତ ଟ୍ରେନ୍‌ରେ ଭୁବନେଶ୍ୱର ଫେରିଥିଲୁ। ଯିବା ଆସିବା, ବୁଲିବା ଓ ରେଳଯାତ୍ରାର ଅଭୁଲା ସ୍ମୃତିକୁ ନେଇ ଆଜିର ଏହି ଆଲେଖ୍ୟ। ଯାତ୍ରା ଆରମ୍ଭ ଦିନ ଭୁବନେଶ୍ୱରରୁ ନିର୍ଦ୍ଧାରିତ ସମୟରେ ଆମ ଟ୍ରେନ ଛାଡିଥିଲା। ପରିଷ୍କାର, ପରିଚ୍ଛନ୍ନ ସହିତ ସମୟକୁ ସମ୍ମାନ ଦେଇ ଟ୍ରେନ ତାହାର ଗତି ଉପରେ ନିୟନ୍ତ୍ରଣ ରଖି ଚାଲିଲା। ଆମେ ସମ୍ବଲପୁରରେ ଓହ୍ଲାଇବା କଥା, କିନ୍ତୁ ଭୁଲ୍‌ବଶତଃ ଓହ୍ଲାଇ ପାରିଲୁ ନାହିଁ। ଚାକିରି କାଳରେ ମୁଁ ଯେତେଥର ଟ୍ରେନରେ ସମ୍ବଲପୁର ଆସିଥିଲି ସେତେବେଳେ ସମ୍ବଲପୁର ପାଇଁ ତିନୋଟି ରହଣି ସ୍ଥାନରେ ଲୋକେ ଓହ୍ଲାଇ ଥାଆନ୍ତି। ପ୍ରଥମେ ଆସେ ସମ୍ବଲପୁର ସିଟି ଷ୍ଟେସନ, ତା'ପରେ ଫାଟକ ଆଉ ଶେଷରେ ଆସିଥାଏ ସମ୍ବଲପୁର ମୁଖ୍ୟ ଷ୍ଟେସନ। ମତେ ଯେହେତୁ ବୁଢ଼ାରଜା ଅଞ୍ଚଳକୁ ଯିବାକୁ ପଡ଼ିଥାଏ, ତେଣୁ ମଝି ରହଣି ସ୍ଥାନ ଅର୍ଥାତ୍ ଫାଟକରେ ଓହ୍ଲାଇବାକୁ ପଡ଼ିଥାଏ। ସେଠାରୁ ସାନଭାଇ ଅଶୋକ ଘରକୁ ଯିବାକୁ ପଡୁଥିବାରୁ ମୁଁ ସମ୍ବଲପୁର ମୁଖ୍ୟ ଷ୍ଟେସନରେ ଓହ୍ଲାଇ ନିକଟରେ ଥିବା ତାଙ୍କ ଘରକୁ ଯିବା ଆସିବା କରିଥାଏ। ସୁତରାଂ ଅଭ୍ୟାସ ଅନୁଯାୟୀ ସେଦିନ ବି ମୁଁ ଆଉ ସିଟି ଷ୍ଟେସନରେ






ଟ୍ରେନରୁ ଓହ୍ଲାଇ ନଥିଲି। ବନ୍ଦେଭାରତ ଟ୍ରେନ ରାଉରକେଲା ଯାଉଥିବାରୁ ତାହା ଯେ ସମ୍ବଲପୁର ମୁଖ୍ୟ ଷ୍ଟେସନ ଦେଇ ଯିବ ନାହିଁ, ସେକଥା ମୋ ଧାରଣା ବାହାରେ ଥିଲା। ସେ ଯାହାବି ହେଉ ମୋର ଭୁଲ୍ ପାଇଁ ସେଦିନ ଆହୁରି ଏକ ଘଣ୍ଟା ଟ୍ରେନ ଯାତ୍ରା କରି ଝାରସୁଗୁଡ଼ାରେ ଯାଇ ଓହ୍ଲାଇ ପୁନଃ ସମ୍ବଲପୁର ଫେରିବାକୁ ପଡ଼ିଲା। ମୋର ଧର୍ମପତ୍ନୀ କହିଲେ- ଯାହା ପ୍ରଭୁଙ୍କ ଇଚ୍ଛା ସେୟା ହେଲା ଏବଂ ଏଇ ମଉକାରେ ଆଉ ଗୋଟେ ନୂଆ ସ୍ଥାନ ଝାରସୁଗୁଡ଼ା ବି ଦେଖିଦେଲେ। ଦୁଇଦିନର କାମ ସହ ବୁଲାବୁଲି ଟିକେ ହେଲା। ସାନଭାଇ ଅଶୋକଙ୍କ ସହିତ ମିଶି ମା' ସମଲେଇଙ୍କ ଦୁର୍ଲଭ ଦର୍ଶନ ପ୍ରାପ୍ତି ହେଲା। ଫେରିବା ଦିନ ସାମାଜିକ ଗଣମାଧ୍ୟମରୁ ଦେଖିଥିବା ସମ୍ବଲପୁର ପ୍ରସିଦ୍ଧ 'ସରସତିଆ' ଖଜା ବିଷୟରେ ଅଫିସ ଡ୍ରାଇଭରଙ୍କୁ ପଚାରିବାରୁ ସମ୍ବଲପୁରିଆ ହିସାବରେ ସେ ଭାରି ଖୁସି ହୋଇ ମୋତେ ଖୁଆଇବାକୁ ନେଇ ଯାଇଥିଲେ। ୧୬୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା 'ସରସତିଆ' ଖଜା ଦୋକାନୀ ଭାଇଙ୍କ କହିବା ଅନୁସାରେ ଗଞ୍ଜିର୍ ବୋଲି ଏକ ଗଛର ରସ ସହ ଚାଉଳ ଓ ଚିନି ମିଶାଇ ଏହି ମୁସୁମୁସିଆ ଖଜାଟି ପ୍ରସ୍ତୁତ ହୋଇଥାଏ। ଏହା ତାଙ୍କର କୌଳିକ ବ୍ୟବସାୟ ଏବଂ ଚାହିଦା ବଢିବାରୁ ପିଲାମାନେ ବି ସମସ୍ତେ ଏହି କାମରେ ସହଯୋଗ କରୁଛନ୍ତି। ମୋଟ ଉପରେ ଖଜା ବ୍ୟବସାୟ କରି ଆମେ ସଭିଏଁ ଖୁସିରେ ଅଛୁ। ଏହି ଖଜା ପ୍ରତି ଲୋକମାନଙ୍କ ଅହେତୁକ ଆଗ୍ରହ ଆମକୁ ବହୁତ୍ ଖୁସି ଦେଉଛି ବୋଲି ହସି ହସି ଦୋକାନୀ ଭାଇ ପ୍ରକାଶ କରିଥିଲେ। ଆମେ ଖଜା ଗୋଟିକୁ ୧୨ ଟଙ୍କା ଦେଇ ଖାଇଥିଲୁ। ବହୁତ୍ ବଢିଆ ସ୍ୱାଦ। ସମ୍ବଲପୁର ଯିଏ ଆସୁଛନ୍ତି 'ସରସତିଆ' ଆମ ଓଡ଼ିଶାର ସ୍ୱତନ୍ତ୍ର ମୁସୁମୁସିଆ ଖଜା ନିଶ୍ଚୟ ଖାଇବା ପାଇଁ ମୋର ଅନୁରୋଧ। 'ସରସତିଆ' ଖିଆ ସରିଲା ପରେ ଷ୍ଟେସନକୁ ବାହାରିଲୁ। କାରଣ ୪ଟା ୧୦ରେ ଥିବା ଫେରନ୍ତା ବନ୍ଦେଭାରତ ଟ୍ରେନ ଧରି ଭୁବନେଶ୍ୱର ଫେରିବାକୁ ହେବ। ସିଟି ଷ୍ଟେସନରେ ଆସି ପହଞ୍ଚି ଶୁଣିଲୁ ବନ୍ଦେଭାରତ ଦେଢ ଘଣ୍ଟା ମାତ୍ର ବିଳମ୍ବ ଅଛି, ମାନେ ପ୍ରାୟ ସନ୍ଧ୍ୟା ୬ଟା ପାଖାପାଖି ଆସି ପହଞ୍ଚିବ। ବନ୍ଦେଭାରତ ପୁଣି ଏତେ ସମୟ ବିଳମ୍ବ ଶୁଣି ଟିକେ ଆଶ୍ଚର୍ଯ୍ୟ ଲାଗିଲା, କିନ୍ତୁ ମୁଁ ମନକୁ ବୁଝାଇ ଦେଲି ଯେ ଆସିବା ବେଳେ ଏତେ ଜାଣିବା ଶୁଣିବା ଲୋକ ହୋଇ ସବୁ କାମକୁ ସତର୍କତାର ସହ କରୁଥିବା ମୋ' ଭଳି ଲୋକ ସମ୍ବଲପୁରରେ ଓହ୍ଲାଇ ନପାରି ଦେଢ଼ ଘଣ୍ଟା ବିଳମ୍ବରେ ଝାରସୁଗୁଡ଼ାରେ ଯାଇ ଓହ୍ଲାଇବାକୁ ପଡ଼ିଥିଲା ଆଉ ଫେରିବା ବେଳେ ବନ୍ଦେଭାରତ କାହିଁକି ଆଉ ଛାଡ଼ିବ।



**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍‌ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# କାହାକୁ କହିବା ଶୁଣିବ କିଏ



ବିମଳ ଅଗ୍ରୱାଲ

ଗତ ଅକ୍ଟୋବର ମାସରେ ଉଚ୍ଚତମ ନ୍ୟାୟାଳୟରେ ଏକ ଶୁଣାଣୀ ସମୟରେ ତତ୍କାଳୀନ ମୁଖ୍ୟ ବିଚାରପତିଙ୍କ ମନ୍ତବ୍ୟରେ କ୍ଷୁବ୍ଧ ହୋଇ ତାଙ୍କ ଉପରକୁ ଜୋତା ଫିଙ୍ଗିଥିବା ଓକିଲ ରାକେଶ କୁମାରଙ୍କୁ ଆଜି ଏକ ନ୍ୟାୟାଳୟ ପରିସରରେ କିଛି ଦୁର୍ବୃତ୍ତ ଜୋତାରେ ପିଟୁଥିବାର ଦୃଶ୍ୟ ଗଣମାଧ୍ୟମରେ ପ୍ରସାରିତ ହେଉଛି। ୬ ଅକ୍ଟୋବର ୨୦୨୫ରେ ପୃଥିବୀ ପ୍ରସିଦ୍ଧ ଖଜୁରାହୋର ପୁନରୁଦ୍ଧାର ସମ୍ପର୍କିତ ଏକ ମାମଲାର ଶୁଣାଣି ବେଳେ ନ୍ୟାୟମୂର୍ତ୍ତି ଗବେଇ ଲଘୁ ପରିହାସ ଛଳରେ ମନ୍ଦିର ପୁନରୁଦ୍ଧାର ପାଇଁ ଭଗବାନଙ୍କ ପାଖରେ ଗୁହାରି କର ବୋଲି ମନ୍ତବ୍ୟ ଦେଇଥିଲେ। ଏହି ଶୁଣାଣି ସମୟରେ ସେଠାରେ ଥିବା ଓକିଲ ରାକେଶ କୁମାରଙ୍କର ଧାର୍ମିକ ଭାବନା ଏତେ ଉତ୍ତେଜିତ ହେଲା ଯେ ସେ ନ୍ୟାୟମୂର୍ତ୍ତି ଗବେଇଙ୍କୁ ସନାତନ ବିରୋଧୀ କହି ତାଙ୍କ ଉପରକୁ ଜୋତା ଫିଙ୍ଗିଥିଲେ। ପରେ ଏହି କାର୍ଯ୍ୟ ସେ ଭଗବାନଙ୍କ ନିର୍ଦ୍ଦେଶରେ କରିଥିବା ସଫେଇ ଦେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ହିନ୍ଦୁ ଓ ଜୈନ ଖଜୁରାହୋ ମନ୍ଦିର ମଧ୍ୟପ୍ରଦେଶରେ ଅବସ୍ଥିତ ଏବଂ ସେଠାରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଭାଜପା ଦଳର ସରକାର ରହିଆସିଛି। ଆଜି ସେହି ଓକିଲ ମହାଶୟଙ୍କୁ କିଛି ବ୍ୟକ୍ତି ଅଦାଲତ ପରିସରରେ ଜୋତା ମାଡ କରିଲେ। ତେବେ ପ୍ରଶ୍ନ ଉଠେ ଏହା କି ପ୍ରକାରର ଉନ୍ମାଦନା ? କାହାର ମତ ସହିତ ଏକମତ ନହେଲେ କଣ ଆମେ ତା ପ୍ରତି ଶାରୀରିକ ହିଂସା କରିବା ? ଏହା କଣ ଗାନ୍ଧୀ, ଗୋପବନ୍ଧୁ, ବୁଦ୍ଧ ଓ ମହାବୀରଙ୍କ ଦେଶ ? ଏଠାରେ କଣ ଆଇନର ଶାସନ ନାହିଁ ? ଉଭୟ ଘଟଣାରେ ଅଦାଲତ ପରିସରରେ ଉଦ୍ଦେଶ୍ୟମୂଳକ ଭାବେ ଆଇନର ହତ୍ୟା କରାଯାଇଛି। ସମ୍ପ୍ରତି ରାଜନୀତିରେ ହିଂସାର ବହୁଳତା ଆମ ଦେଶ ଓ ସମାଜ ପାଇଁ ଚିନ୍ତାର କାରଣ ପାଲଟିଛି। ଏହା ସମାଜ ଓ ଦେଶର ପ୍ରତ୍ୟେକ ବିଭାଗ ଓ ସ୍ତରକୁ ସଂକ୍ରମିତ ହେଉଛି। ଏବେ ବିଭିନ୍ନ ଧର୍ମ, ଭଗବାନ, ରାଜନୈତିକ ଦଳ ଓ ନେତାଙ୍କ ଅନୁଗାମୀମାନେ ସେନା ଗଠନ କରୁଛନ୍ତି। ରାମ ସେନା, ଜଗନ୍ନାଥ ସେନା, ମୋଦି ସେନା, ଯୋଗୀ ସେନା, ଲାଲୁ ସେନା, ନବୀନ ସେନା ଇତ୍ୟାଦି ଇତ୍ୟାଦି। ଏହା ପୁରାଣ ଇତିହାସର ରାଜା ମହାରାଜା ବା ଜମିଦାରଙ୍କ ଭଳି ବ୍ୟକ୍ତିଗତ ସେନା ଭଳି। ଏହି ଲୋକମାନେ ନିଜର ସୁରକ୍ଷା ପାଇଁ ରାଜ୍ୟର ପୁଲିସ ଉପରେ ଆସ୍ଥା ରଖୁନାହାନ୍ତି। ସମସ୍ତେ ଯେପରି ଯୁଦ୍ଧକୁ ବାହାରିଛନ୍ତି। ଶ୍ରେଷ୍ଠମାନଙ୍କର ଉତ୍ତେଜିତ ଉଚ୍ଚବାଚ ସମାଜର ଇତର ଲୋକଙ୍କୁ ଅସହିଷ୍ଣୁ ହେବାପାଇଁ ଉସୁକାଉଛି । ଆଖି ବଦଳି ଆଖିର ଏହି ଚଳଣୀ ପୂରା ଦେଶକୁ ଅନ୍ଧ କରିଦେବନି ତ ? ସମସ୍ତେ ଯେପରି ଯୁଦ୍ଧକୁ ବାହାରିଛନ୍ତି। ଯଦିଓ ସମ୍ବାଦ ଓ ସହମତି ଗୋଟିଏ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ମୂଳଦୁଆ। ସବୁଠି ଏକ ଭୟ ଓ ଆତଙ୍କର ବାତାବରଣ। ଆଇନକୁ ଭୟ ନାହିଁ। ଅଧିକାଂଶ ସ୍ଥଳରେ ରାଜନୈତିକ ଦଳ ଓ ନେତାମାନଙ୍କର ପ୍ରଚ୍ଛନ୍ନ ପ୍ରୋତ୍ସାହନ ଓ ପୃଷ୍ଠପୋଷକତା କରୁଛନ୍ତି, ବୈଦ୍ୟୁତିକ ଗଣମାଧ୍ୟମ। ସଂସଦ ଓ ରାଜ୍ୟ ବିଧାନସଭାର ଆଲୋଚନା ଅତି ଉଚ୍ଚ, ଅଶାଳୀନ ଓ ଉଦ୍ଧତ ସ୍ୱରରେ ହେଉଛି। ଫଳରେ ଆଲୋଚନା ପ୍ରସଙ୍ଗଭିତ୍ତିକ ନହୋଇ ବ୍ୟକ୍ତିଗତ କୁତ୍ସାରଟନାରେ ସୀମିତ ହୋଇଯାଉଛି। ଜନମଙ୍ଗଳ ରାଷ୍ଟ୍ରରେ ଏସବୁ ହେବା ଆଦୌ ଠିକ୍ ନୁହେଁ, ହେଲେ ଏଠି କହିବା କାହାକୁ ଆଉ ଶୁଣିବ କିଏ।

(ମତାମତ ଲେଖକଙ୍କ ନିଜସ୍ୱ)

ରଣପୁର, ନୟାଗଡ଼

# ମାଆ ସୀତାଙ୍କ ଭାଇ

## ମାମା ପ୍ରୟାଗ ଦାସଙ୍କ କଥା (୧)

**ଅର୍ଜ୍ଜୁନୀ ଚରଣ ବେହେରା**

ବହୁଦିନ ତଳେ ନେପାଳର ଜନକପୁରୀରେ ଜଣେ ବିଧବା ବ୍ରାହ୍ମଣୀ ବାସ କରୁଥିଲେ। ଜନକପୁରୀର ପ୍ରତ୍ୟେକ ମହିଳା ମାଆ ଜାନକୀଙ୍କୁ ନିଜର କନ୍ୟା ବୋଲି ମନେ କରୁଥଲେ । ପ୍ରଥା ଅନୁଯାୟୀ ବୃଦ୍ଧା ବ୍ରାହ୍ମଣୀ ଜଣକ ମଧ ମାଆ ଜାନକୀଙ୍କୁ ନିଜ ଝିଅ ବୋଲି ମନେ କରୁଥିଲେ । ସେହି ବ୍ରାହ୍ମଣୀଙ୍କ ଏକ ମାତ୍ର ପୁତ୍ର ଥିଲେ, ପ୍ରୟାଗ ଦତ୍ତ । ସେବର୍ଷ ରାକ୍ଷୀ ପୂର୍ଣ୍ଣିମା ଦିନ ପ୍ରୟାଗ ସାଥି ପିଲାମାନଙ୍କ ସାଙ୍ଗରେ ଖେଳୁଥାଏ ଦେଖିଲା ପିଲାମାନେ ହାତରେ ରାକ୍ଷୀ ବାନ୍ଧିଛନ୍ତି। ସାଥୀମାନଙ୍କୁ ସେ ଇଏ କଅଣ ବୋଲି ପଚାରିବାରୁ ସେମାନେ ତାକୁ ଥଟ୍ଟାକଲେ, ତୋର ତ କେହି ଭଉଣୀ ନାହାଁନ୍ତି, ତୁ ଏ ରାକ୍ଷୀର ମହତ୍ତ୍ୱ କଣ ବୁଝିବୁ! ତାକୁ ଏ କଥା ବଡ ବାଧିଲା। ମନ ଦୁଃଖରେ ସେ ଘରକୁ ଫେରି ଆସିଲା।



ଘରକୁ ଆସି ସେ ମାଆଙ୍କୁ ପ୍ରଶ୍ନ କଲା, ଆଜି ସାଥି ପିଲାମାନେ ମୋତେ ଏହିଭଳି କହିଲେ। ସତରେ ମୋର କଣ କେହି ଭଉଣୀ ନାହାଁନ୍ତି । ମାଆ ଆଉ କଅଣ କହିବେ। ପିଲା ମନକୁ ବୁଝେଇ ଦେବାକୁ କହିଲେ, ହଁ ତୋର ଜଣେ ଭଉଣୀ ଅଛି। ଯେତେ ବେଳେ ତୁ ଛୋଟଥିଲୁ ସେ ବାହା ହୋଇଯାଇଛି। ଏବେ ସେ ତା' ଶାଶୁ ଘରେ ରହୁଛି। ପ୍ରୟାଗ ଆଉ କି ଛାଡେ। ସଙ୍ଗେ ସଙ୍ଗେ କହିଲା, କହ କିଏ ମୋ ଭଉଣୀ, କିଏ ମୋ ଭିଣୋଇ, କେଉଁଠି ତା' ଶାଶୁ ଘର। ମୁଁ ସେଠାକୁ ଯିବି । ମୋ' ଭଉଣୀକୁ ଦେଖା କରି ଆସିବି। ବ୍ରାହ୍ମଣୀ ଦେଖିଲେ ପୁଅକୁ ଭୁଲେଇ ହେବନାହିଁ। ପ୍ରୟାଗକୁ ପାଖରେ ବସାଇ ବ୍ରାହ୍ମଣୀ କହିଲେ, ତୋ ଭଉଣୀ ନାଁ ସୀତା। ତା' ଶାଶୁଘର ଅଯୋଧ୍ୟା । ତୋ ଭିଣୋଇ ହେଉଛନ୍ତି ରାମଚନ୍ଦ୍ର। ସେ ମହାରାଜ ଦଶରଥଙ୍କ ପୁତ୍ର। ଅଯୋଧ୍ୟା କାହିଁ କେତେ ଦୂର। ତୁ ଛୋଟ ପିଲା କଅଣ ଏତେ ଦୂର ଯାଇ ପାରିବୁ। ତୋ' ଭିଣୋଇ ରାଜପୁତ୍ର। ତତେ କଅଣ ସିଏ ଚିହ୍ନିବେ।

ପ୍ରୟାଗ ଅଯୋଧ୍ୟା ଯିବ ଯିବ ବୋଲି ମାଆଙ୍କୁ ସବୁ ବେଳେ ଜିଗର କରେ, ସେ ତାକୁ ବୁଝାସୁଝା କରି ରଖନ୍ତି। ଏପରି କିଛି ଦିନ ଚାଲିଗଲା । ଅଯୋଧ୍ୟା ଯିବାକୁ ଜନକପୁରୀରୁ ଦଳେ ଲୋକ ବହାରିଲେ। ମାଆଙ୍କୁ କହି, ସେମାନଙ୍କ ସାଙ୍ଗରେ ଯିବ ବୋଲି ପ୍ରୟାଗ ବହାରି ପଡ଼ିଲା। ଗଲାବେଳେ ପ୍ରୟାଗକୁ ମାଆ କହିଲେ, ଆରେ ତୁ ଭଉଣୀ ଘରକୁ କଅଣ ଖାଲି ହାତରେ ଯିବୁ ମୁଁ ଦିଟା ଆରିସା ପିଠା କରି ଦେଉଛି, ନେଇ ଯା। ଆରିସା ପିଠା ଧରି ଲୋକମାନଙ୍କ ସାଙ୍ଗରେ ପ୍ରୟାଗ ଚାଲିଲା ଅଯୋଧ୍ୟାକୁ। ଲୋକମାନେ ପାଦରେ ଚାଲି ଚାଲି ବିଶ୍ରାମ କରି କରି ଯାଉଥାନ୍ତି। ପ୍ରୟାଗ ମନ ତ ଉଚ୍ଚାଟ କିପରି ଯାଇ ଭଉଣୀକୁ ଦେଖା କରିବ। ଲୋକଙ୍କ ଧିରେ ଧିରେ ଯିବା ଦେଖି କିଛି ବାଟ ଗଲା ପରେ ତାଙ୍କ ସାଙ୍ଗ ଛାଡ଼ି ଦେଇ ଏକଲା ଚାଲିଲା ପ୍ରୟାଗ ଦତ୍ତ ଆଯୋଧ୍ୟା ଅଭିମୁଖେ।..... (କ୍ରମଶଃ)

ମୋ -୭୬୯୩୦୯୧୯୭୧

# ପ୍ରତିବର୍ଷ ଦେଶ ଛାଡୁଛନ୍ତି ୨ ଲକ୍ଷ ଭାରତୀୟ

ନୂଆଦିଲ୍ଲୀ : ଧୀରେ ଧୀରେ ବିଶ୍ୱର ଦ୍ୱିତୀୟ ବା ତୃତୀୟ ବଡ଼ ଅର୍ଥନୀତି ହେବାକୁ ଯାଉଛି ଭାରତ । ସବୁ କ୍ଷେତ୍ରରେ ନିଜ ଛାପ ଛାଡ଼ି ଏକ ନୂଆ ପରିଚୟ ସୃଷ୍ଟି କରୁଛି ଭାରତ। ଏହାସତ୍ତ୍ୱେ ଏକ ଚମକାଇଲା ଭଳି ତଥ୍ୟ ଦେଇଛି ବିଦେଶ ମନ୍ତ୍ରାଳୟ । ବିଦେଶ ମନ୍ତ୍ରାଳୟର ତଥ୍ୟ ମୁତାବକ ପ୍ରତିବର୍ଷ ପାଖାପାଖି ୨ ଲକ୍ଷ ଲୋକେ ଭାରତୀୟ ଦେଶର ନାଗରିକତା ଛାଡ଼ିବା ସହ ବିଦେଶରେ ଅବସ୍ଥାନ କରୁଛନ୍ତି । ଏହାକୁ ନେଇ ଗୃହ ମନ୍ତ୍ରାଳୟ ପକ୍ଷରୁ ସଂସଦରେ ତଥ୍ୟ ଉପସ୍ଥାପନ କରାଯାଇଛି । ୨୦୧୧ରୁ ୨୦୨୪ ମଧ୍ୟରେ ପ୍ରାୟ ୨୧ ଲକ୍ଷ ଭାରତୀୟ ବିଦେଶୀ ନାଗରିକତ୍ୱ ଗ୍ରହଣ କରିଥିଲେ । ୨୦୨୧ରେ ଏହି ସଂଖ୍ୟା ସବୁଠାରୁ ଅଧିକ ଥିଲା । କିନ୍ତୁ ବିଗତ ୫ ବର୍ଷ ଉପରେ ନଜର ପକାଇଲେ ପ୍ରାୟ ୯ ଲକ୍ଷ ବ୍ୟକ୍ତିଗତ କାରଣରୁ ଲୋକେ ଭାରତ ଛାଡ଼ିଥିବା ତଥ୍ୟ ମିଳିଛି ।




ଭାରତୀୟମାନେ ନାଗରିକତା ଛାଡ଼ିବା ହାର କ୍ରମାଗତ ଏବଂ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ୨୦୨୪ରେ କ୍ରମାଗତ ତୃତୀୟ ବର୍ଷ ନାଗରିକତ୍ୱ ଛାଡ଼ିଥିବା ଭାରତୀୟଙ୍କ ସଂଖ୍ୟା ୨ ଲକ୍ଷରୁ ଅଧିକ ରହିଛି । ୨୦୨୪ରେ ମୋଟ ୨ ଲକ୍ଷ ୧୦ ହଜାର ଲକ୍ଷ ଲୋକ ଭାରତୀୟ ନାଗରିକତ୍ୱ ଛାଡ଼ିଛନ୍ତି, ଯାହା ୨୦୨୩ ତୁଳନାରେ ମାତ୍ର ୪.୬ ପ୍ରତିଶତ କମ । ୨୦୨୩ରେ ଏହି ସଂଖ୍ୟା ୨ ଲକ୍ଷ ୨୦ ହଜାର ଥିଲା । ୨୦୧୧ ଏବଂ ୨୦୨୪ ମଧ୍ୟରେ, ୨୦୨୨ ମସିହାରେ ନାଗରିକତ୍ୱ ଛାଡ଼ିଥିବା ଭାରତୀୟଙ୍କ ସଂଖ୍ୟା ସର୍ବାଧିକ ରହିଥିଲା, ୨୦୨୨ରେ ୨ ଲକ୍ଷ ୩୦ ହଜାର ଲୋକ ନାଗରିକତା ଛାଡ଼ିଥିଲେ । ୨୦୨୧ରେ ଏହି ସଂଖ୍ୟା ୧ ଲକ୍ଷ ୬୩ ହଜାର ଥିଲା । ଯାହା ୨୦୨୦ ତୁଳନାରେ ୯୨ ପ୍ରତିଶତ ଅଧିକ ଥିଲା । ଏହାପରେ ଲଗାତାର ଏହି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ତେବେ କାହିଁକି ଲୋକେ ଭାରତୀୟ ନାଗରିକତା ଛାଡୁଛନ୍ତି କଣ ହୋଇପାରେ ଏହାର କାରଣ ?

ଭାରତ ଛାଡ଼ିଥିବା ଲୋକଙ୍କ ମଧ୍ୟର ସର୍ବାଧିକ ୭୮ ହଜାର ୨୮୪ ଲୋକେ ଆମେରିକା ନାଗରିକତ୍ୱ ପାଇଁ ଭାରତୀୟ ନାଗରିକତା ଛାଡ଼ିଛନ୍ତି । ଏହାପରେ ୨୩ ହଜାର ୫୩୩ ଜଣ ଅଷ୍ଟ୍ରେଲିଆ ଏବଂ ୨୧ ହଜାର ୫୯୭ ଜଣ କାନାଡାର ନାଗରିକତ୍ୱ ଗ୍ରହଣ କରିଛନ୍ତି । ବିଦେଶ ମନ୍ତ୍ରାଳୟ ଅନୁସାରେ, ନାଗରିକତ୍ୱ ତ୍ୟାଗ କରିବାର ମୁଖ୍ୟ କାରଣ ବ୍ୟକ୍ତିଗତ ରହିଛି । ଲୋକମାନେ ପ୍ରାୟତଃ ଚାକିରି, ଶିକ୍ଷା କିମ୍ବା ପାରିବାରିକ କାରଣରୁ ବିଦେଶରେ ବସବାସ କରିବା ପାଇଁ ଚାଲିଯାଆନ୍ତି । ବର୍ତ୍ତମାନ ୩ କୋଟି ୫୪ ଲକ୍ଷ ପ୍ରବାସୀ ଭାରତୀୟ ଅଛନ୍ତି, ଯେଉଁଥିରେ ଯେଉଁମାନେ ଭାରତରେ ବାସ କରନ୍ତି ନାହିଁ ବା ଏନଆଇଆଇ ଏବଂ ଭାରତୀୟ ବଂଶୋଦ୍ଭବ ଉଭୟ ସାମିଲ ଅଛନ୍ତି । ତେବେ ସୁରକ୍ଷା ଚିନ୍ତା କାରଣରୁ ଗତ ୩ ବର୍ଷରେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ୫ ହଜାର ୯୪୫ ଜଣଙ୍କୁ ଉଦ୍ଧାର ବି କରିଛନ୍ତି ଭାରତ ସରକାର ।

# ଦୁନିଆର ସବୁଠାରୁ ବଡ଼ ଯୋଦ୍ଧା ମା’

ପୁଡୁଚେରି : ମା’ ଶବ୍ଦ ଗୋଟିଏ କିନ୍ତୁ ଓଜନ ହିମାଳୟ ପର୍ବତ ଭଳି । କୁହନ୍ତି ଯାହାର ମା’ ନାହିଁ ତା’ର ସାହା ନାହିଁ । ସନ୍ତାନର ଅଳିଅଝଟକୁ ଜୀବନର ସର୍ବଶ୍ରେଷ୍ଠ ଅଳଙ୍କାର କରିପାରୁଥିବା ନାରୀ ହେଉଛି ମା’ । ନିଜ ପଣତକାନିର ଛାଇରେ ପିଲାଙ୍କୁ ଛୋଟରୁ ବଡ଼ କରୁଥିବା ମାନବୀୟ ଶକ୍ତିର ନାଁ ହେଉଛି ମା’ । ସେଇଥିପାଇଁ ତ ସମାଜ କହେ ନିରାକାର ଈଶ୍ୱର ନିଜ ସନ୍ତାନଙ୍କ ସହ ଦେହ ଧାରଣ କରି ସବୁବେଳେ ରହିପାରନ୍ତି ନାହିଁ ତେଣୁ ସେ ପୃଥିବୀକୁ ମା’ରୂପୀ ମମତାମୟୀ ନାରୀ ଭେଟି ଦେଲେ । ଯାହାର ଋଣ କେଉଁ ସନ୍ତାନ କେବେ ସୁଝିପାରିବେ ନାହିଁ । ସନ୍ତାନର ସୁରକ୍ଷା ପାଇଁ ମା’ ସମାଜର ପାରମ୍ପରିକ ଧାରାକୁ ବି ଉଲ୍ଲଂଘନ କରିପାରେ , ଜୀବନ ନେଇ ବି ପାରେ ଏବଂ ଦେଇ ବି ପାରେ । ସେଇଥିପାଇଁ ତ ପ୍ରତିଟି ସନ୍ତାନ କୁହନ୍ତି ‘My Mom IS My Super Hero’ । ଆଜି ଆମେ ଆପଣଙ୍କୁ ଏମିତି ହିଁ ଜଣେ ମା’ଙ୍କ କଥା କହିବାକୁ ଯାଉଛୁ ଯେ ନିଜ ଝିଅର ସୁରକ୍ଷା ପାଇଁ ଅସମ୍ଭବକୁ ମଧ୍ୟ ସମ୍ଭବ କରି ଦେଖାଇଥିଲେ । ନିଜ ଯୌବନ , ସମ୍ମାନର ତିଳେମାତ୍ର ଭୃକ୍ଷେପ ନକରି ନିଜ ଝିଅର ଭବିଷ୍ୟତ କଥା ଚିନ୍ତା କରିଥିଲେ । ଯାହାଙ୍କ ଜୀବନ କଥା ଜାଣିଲେ ଆପଣ ମଧ୍ୟ ମୁଣ୍ଡ ନୁଆଁଇ ସଲ୍ୟୁଟ୍ କରିବାକୁ ବାଧ୍ୟ ହେବେ ଏବଂ କହିବେ ‘ତୋ ପରି ଆଉ କେହି ହେଇପାରିବେନି ମା’ ।

ତାମିଲନାଡୁ ଜିଲ୍ଲାର ଥୁଥୁକୁଡ଼ି କାଟୁନାୟକ୍କନପଟ୍ଟି ଗାଁରେ ରହୁଥିବା ପେଚିୟମ୍ମଲଙ୍କ ବିବାହ ଖୁବ୍ କମ୍ ବୟସରେ ହୋଇଥିଲା ହେଲେ ଦଇବର ବିଚାର ଦେଖନ୍ତୁ ପାଦରୁ ଅଳତା ଲିଭିନି ଲିଭିଗଲା ମଥାର ସିନ୍ଦୂର । ବାହାଘରକୁ ଦିନ ୧୫ ଟା ହୋଇଛି ସ୍ୱାମୀଙ୍କର ହେଲା ହୃଦଘାତ ଆଉ ନବବିବାହିତା ପେଚିୟମ୍ମଲଙ୍କୁ ଛାଡ଼ି ଆରପାରିକୁ ଚାଲିଗଲେ ସ୍ୱାମୀ । ବର୍ଷେ ପରେ ପେଚିୟମ୍ମଲଙ୍କ ଗୋଟିଏ ଝିଅ ହେଲା ଯାହାର ନାଁ ସେ ରଖିଲେ ସନ୍ମୁଗସୁନ୍ଦରୀ । ଝିଅ ହେଲା ବୋଲି ଘରୁ ବାହାର କରିଦେଲେ ଶାଶୁଘର । ସମାଜର ଯାତନାକୁ ଅସ୍ତ୍ର କଲେ ପେଚିୟମ୍ମଲ ଆଉ କାହାର ଶରଣ ନଦେଇ ପାଲଟିଗଲେ ମୁଥୁ । ଲମ୍ବା ଚୁଟିକୁ କାଟି ଫୋପାଡ଼ିଲେ , ଶାଢ଼ି ବଦଳରେ ଲୁଙ୍ଗି ଆଉ ସାର୍ଟ ପିନ୍ଧିଲେ । ନିଜ ଗାଁରେ ତ ସମସ୍ତେ ଚିହ୍ନିଥିଲେ ତେଣୁ ଆଖପାଖ ଗାଁରେ ସେ ଏଭଳି ଏଭଳି କାମ କଲେ ଯାହା ସାଧାରଣତଃ ସ୍ତ୍ରୀ ଲୋକମାନେ କରନ୍ତି ନାହିଁ। ହୋଟେଲ ବଏ ଭାବରେ ସେ କିଛି ଦିନ କାମ କଲେ ଯେଉଁଠି ଲୋକ ତାଙ୍କୁ ମୁଥୁ ମାଷ୍ଟର ବୋଲି ଡାକୁଥିଲେ ।

ପଇଡ଼ ଦୋକାନରୁ ଆରମ୍ଭ କରି ଘରେ ରଙ୍ଗ ଦେବା କାମ ପର୍ଯ୍ୟନ୍ତ ସେ ସବୁ କଲେ। ଆଉ ଝିଅ ଭବିଷ୍ୟତ ପାଇଁ ଯୋଡ଼ିଲେ ଟଙ୍କା। ଏହି ମହାନ୍ ମହିଳାଙ୍କ ସାହସ ତ ଦେଖନ୍ତୁ ରାତି ଅଧ ପର୍ଯ୍ୟନ୍ତ ବିନା ସୁରକ୍ଷାରେ କାମ କରିବା ସହ ପୁରୁଷ ଶୌଚାଳୟ ବ୍ୟବହାର କରିବାଠୁ ନେଇ ବସରେ ମଧ୍ୟ ପୁରୁଷ ସିଟରେ ସେ ବସୁଥିଲେ । ବର୍ତ୍ତମାନ ଏହି ପୁରୁଷ ବେଶ ତାଙ୍କ ପାଇଁ ସବୁଠାରୁ ସୁନ୍ଦର ଅନୁଭବ ପାଲଟି ଯାଇଛି। ମହିଳା ଥିଲା ବେଳେ ସମାଜ ତାଙ୍କୁ ଦୁର୍ବଳାର ପରିଚୟ ଦେଉଥିଲା କିନ୍ତୁ ବର୍ତ୍ତମାନ ସେ ଗୋଡ଼ ଉପରେ ଗୋଡ଼ ପକାଇ ବସୁଛନ୍ତି ଏବଂ କହୁଛନ୍ତି ହଁ ମୁଁ ଏକୁଟିଆ ମୋ ଝିଅକୁ ପାଳିଲି , ବଡ଼ କଲି , ପାଠ ପଢ଼େଇଲି ଆଉ ବିବାହ କରାଇଲି । ସତରେ ସ୍ୱାଧୀନତା ଓ ଆତ୍ମବିଶ୍ୱାସର ବାସ୍ନା ଏବଂ ଦାୟିତ୍ୱବୋଧକୁ ଦାମୀ ବୋଲି ଭାବୁଥିବା ମଣିଷ ପାଇଁ କିଛି ଅସମ୍ଭବ ନୁହେଁ । ଖାସ୍ କରି ଯେତେବେଳେ ଜଣେ ମହିଳା ଯାହାଙ୍କ ଗର୍ଭରୁ ସୃଜନର ଆରମ୍ଭ ହୁଏ ସେ ଯଦି ଚାହିଁଲେ ସମାଜର ଚିନ୍ତାଧାରାକୁ ପରିବର୍ତ୍ତନ କରିବାକୁ ତା’ହେଲେ ତାଙ୍କୁ କେହି ପଛକୁ ଟାଣିପାରିବେ ନାହିଁ ।



## ପୁରୁଷ ବେଶରେ ୩୦ ବର୍ଷ

# ଆଖିବୁଜା ଗୁଳିମାଡ଼ରେ ଆଖି ବୁଜିଲେ ୧୦ ୟୁହୁଦୀ

ସିଡ୍‌ନୀ : ଅଷ୍ଟ୍ରେଲିଆର ସିଡନୀ ସହରରେ ରବିବାର ସନ୍ଧ୍ୟାରେ ବଡ଼ ଅଘଟଣ ଘଟିଛି । ଏଠାରେ ଥିବା ସମୁଦ୍ର ପାଖରେ ୟୁହୁଦୀମାନେ ପର୍ବ ପାଳନ କରୁଥିବା ବେଳେ ଅଚାନକ କିଛି ଲୋକ ଗୁଳି ଚଳାଇବା ଆରମ୍ଭ କରିଥିଲେ । ଫଳରେ ଘଟଣା ସ୍ଥଳରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଘଟଣା ଘଟିବା ପରେ ସମ୍ପୂର୍ଣ୍ଣ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି । ଶହ ଶହ ଲୋକ ଜୀବନ ବଞ୍ଚାଇବାକୁ ଚଢ଼ାଭିଡ଼ା ହୋଇ ବାହାରକୁ ବାହାରି ଆସୁଥିବାର ଦେଖିବାକୁ ମିଳିଛି । ଏହି ଘଟଣା ୟୁହୁଦୀ ପର୍ବ ହନୁକ୍କା ପାଳନ ବେଳେ ଘଟିଛି । ଏଠାରେ ୨ ହଜାରରୁ ଅଧିକ ଲୋକ ଠୁଳ ହୋଇଥିଲେ । ରିପୋର୍ଟ ମୁତାବକ ନ୍ୟୁ ସାଉଥ୍ ୱେଲସ ଆମ୍ବୁଲାନ୍ସ ସେବାକୁ ସ୍ଥାନୀୟ ସମୟ ୬.୪୫ ବେଳେ ବୋଡି ବେଳାରେ କିଛି ଲୋକଙ୍କ ଉପରେ ଗୁଳି ଚାଳନା ହୋଇଥିବା ଖବର ଆସିଥିଲା । ଆମ୍ବୁଲାନ୍ସ କର୍ମଚାରୀଙ୍କ କହିବା ମୁତାବକ କିଛି ଲୋକଙ୍କୁ ଘଟଣା ସ୍ଥଳରେ ଚିକିତ୍ସା କରାଯାଇଥିଲା । ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ମୁତାବକ ବୋଡି ବେଳାରେ ଗୋଟିଏ ପରେ ଗୋଟିଏ ଗୁଳି ଫୁଟିବାର ଶବ୍ଦ ଶୁଣିବାକୁ ମିଳିଲା । ପରେ ଜଣାପଡ଼ିଲା କି, ସେଠାରେ ଚାଲିଥିବା ୟୁହୁଦୀମାନଙ୍କ ପର୍ବରେ କେହି ଗୁଳି ଚଳାଉଛି । ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଏନ୍ଥନୀ ଅଲ୍‌ବାନୀଜଙ୍କ କାର୍ଯ୍ୟାଳୟ ତରଫରୁ ଘଟଣାକୁ ପ୍ରତିକ୍ରିୟା ଆସିଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି କି, ଘଟଣା ବାବଦରେ ଅବଗତ ରହିଛି କାର୍ଯ୍ୟାଳୟ । ଏବେ ଘଟଣାର ଯାଂଚ କରୁଛି ପୁଲିସ ।

# ଚୀନ୍ ଉପରେ ଟ୍ରମ୍ପଙ୍କ ଟାରିଫ୍ ମାଡ଼

ବେଜିଂ : ସାରା ବିଶ୍ୱକୁ ନାକେଦମ୍ କରିସାରିଲେଣି ଟ୍ରମ୍ପ । ଟ୍ରମ୍ପଙ୍କ ବାଚାଳାମୀ ପାଇଁ ଆମେରିକା ଠାରୁ ଗୋଟିଏ ପରେ ଗୋଟିଏ ଦେଶ ଦୂରକୁ ଯିବାରେ ଲାଗିଲେଣି । ତଥାବି ସୁଧୁରୁନାହାନ୍ତି ଟ୍ରମ୍ପ । ନୋବେଲ ଆଶା ଆଶାରେ ରହିଯିବା ପରେ ଟ୍ରମ୍ପ ଆହୁରି ବିଳିବିଳେଇବା ଆରମ୍ଭ କରିଦେଇଛନ୍ତି । କେବେ କେଉଁ ଦେଶ ଉପରେ ଟାରିଫ୍ ଉପରେ ଟାରିଫ୍ ଲଗାଉଛନ୍ତି ତ ଆଉ କେବେ ପ୍ରେସମିଟ୍ ମଝିରେ କେଉଁ ଦେଶର ରାଷ୍ଟ୍ରଦୂତଙ୍କୁ ଗାଳି କରୁଛନ୍ତି । ଏବେ ଆଉ ଏକ ବାଚାଳାମୀ ବି ଦେଖିବାକୁ ମିଳିଛି । ହ୍ୱାଇଟ୍ ହାଉସରେ ବୁଲଡୋଜର୍ ଚଲେଇଛନ୍ତି ଟ୍ରମ୍ପ ।

ଚୀନକୁ ପୁଣି ଆମେରିକାର ଟାରିଫ୍ ଧମକ । ଶୁଳ୍କ ବୃଦ୍ଧି ନେଇ ଧମକ୍ ? ଦେଲେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଆଗକୁ କୋରିଆରେ ଦୁଇ ନେତାଙ୍କ ମଧ୍ୟରେ ବୈଠକ ହେବାକୁ ଯାଉଛି । ଯଦି ଏହି ବୈଠକ ବିଫଳ ହୁଏ ତେବେ ଲାଗୁ ହେବ ବର୍ଦ୍ଧିତ ଟାରିଫ୍ । ଆମେରିକାର ଚୀନ ଉପରେ ୧୫୫ ପ୍ରତିଶତ ଟାରିଫ୍ ଲାଗୁ କରିବାକୁ ଯାଉଛି । ଏନେଇ ଟ୍ରମ୍ପ ପ୍ରଶାସନ ସୂଚନା ଦେଇଛି । ଚୀନ ଉପରେ ଏହି ନୂଆ ବର୍ଦ୍ଧିତ ଟାରିଫ୍ ଆସନ୍ତା ନଭେମ୍ବର ୧ରୁ ଲାଗୁ ହେବ । ହ୍ୱାଇଟ୍ ହାଉସରେ ଏକ କାର୍ଯ୍ୟକ୍ରମ ସମୟରେ ଟ୍ରମ୍ପ କହିଛନ୍ତି, “ଚୀନ ଆମକୁ ବହୁତ ସମ୍ମାନ ଦେଉଛି । ସେମାନେ ଟାରିଫ୍ ଆକାରରେ ବିପୁଳ ଟଙ୍କା ଦେଉଛନ୍ତି । ସେମାନେ ୫୫% ଦେଉଛନ୍ତି, କିନ୍ତୁ ନଭେମ୍ବର ୧ ତାରିଖରୁ ୧୫୫% ହେବ,



ଯଦି ’ଫେୟାର ଟ୍ରେଡ୍ ଡିଲ୍’ ବିଫଳ ହୁଏ ।”ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହିତ “ଉତ୍ସାହଜନକ” ଚୁକ୍ତି ହେବାରେ ଆଶାବାଦୀ ବୋଲି ଟ୍ରମ୍ପ କହିଛନ୍ତି । ଏଥିସହିତ ଆମେରିକା ରାଷ୍ଟ୍ରପତି ଦାବି କରିଛନ୍ତି ଯେ, “ଆମେ ଅନ୍ୟ ଦେଶମାନଙ୍କ ସହିତ ଚୁକ୍ତି କରିଛୁ, ଯେଉଁମାନେ ପୂର୍ବରୁ ଆମକୁ ଲୁଟୁଥିଲେ । ତେବେ ଏନେଇ ଚୀନର ପ୍ରତିକ୍ରିୟା ଏପର୍ଯ୍ୟନ୍ତ ଆସିପାରିନାହିଁ । କିନ୍ତୁ ପୂର୍ବରୁ ଚୀନ ଆମେରିକାର ଧମକକୁ ଖାତିକ କରିବୁନାହିଁ ବୋଲି ଏହାର ବୈଦେଶିକ ମନ୍ତ୍ରାଳୟ ତରଫରୁ କୁହାଯାଇଥିଲା । ସେପଟେ ପ୍ରେସମିଟ୍ ମଝିରେ ରାଗିଗଲେ ଆମେରିକା ରାଷ୍ଟ୍ରପତି । ଅଷ୍ଟ୍ରେଲିଆର ରାଷ୍ଟ୍ରଦୂତଙ୍କୁ ଦେଲେ ଗାଳି । ଏହାର ଏକ ଭିଡିଓ ଏବେ ସାମ୍ନାକୁ ଆସିଛି । ହ୍ୱାଇଟହାଉସରେ ପ୍ରେସମିଟ ସମୟରେ ଅଷ୍ଟ୍ରେଲିଆ ରାଷ୍ଟ୍ରଦୂତ କେଭିନ ରୁଡ୍‌ଙ୍କୁ ଟ୍ରମ୍ପ ଗାଳି ଦେଉଥିଲା ଦେଖିବାକୁ ମିଳିଛି । ଭିଡିଓରେ ଟ୍ରମ୍ପ ରୁଡ୍‌ଙ୍କୁ କହୁଛନ୍ତି, “ ମୁଁ ତୁମକୁ ପସନ୍ଦ କରେ ନାହିଁ ଓ ମୁଁ କେବେ ବି ସପନ୍ଦ କରିବି ନାହିଁ ” । ପାଖରେ ବସିଥିବା ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କ ଏଭଳି ଆଚରଣ ଦେଖି ଚକିତ ହୋଇଯାଇଥିଲେ । ପ୍ରଧାନମନ୍ତ୍ରୀ ଆନନ୍ଥୋନୀ ଆଲ୍‌ବାନିଜ୍ କହିଛନ୍ତି, “ଏହା ଅପ୍ରତ୍ୟାଶିତ ଥିଲା ।” ଏହି ଭିଡିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହୋଇଛି, ଯାହା ମିଡ଼ିଆରେ ବିସ୍ତୃତ ଚର୍ଚ୍ଚାର ବିଷୟ ହୋଇଛି । ଟାରିଫ୍ ନିଷ୍ପତ୍ତି ଏବଂ ଟ୍ରମ୍ପଙ୍କ ମନମାନିକୁ ନେଇ ଆମେରିକାରେ ଗୋଟିଏ ପଟେ ଲୋକଙ୍କ ମଧ୍ୟରେ ଆକ୍ରୋସ ବଢୁଥିବାବେଳେ ହ୍ୱାଇଟ୍ ହାଉସରେ ବୁଲଡୋଜର୍ ବୁଲିବା ଘଟଣା ସାମ୍ନାକୁ ଆସିଛି । ହ୍ୱାଇଟ୍ ହାଉସକୁ ସମ୍ପ୍ରସାରଣ କରିବାକୁ ଚାହୁଁଛନ୍ତି ଟ୍ରମ୍ପ । ହ୍ୱାଇଟ୍‌ହାଉସକୁ ଐତିହାସିକ ବନାଇବାକୁ ଚାହୁଁଛନ୍ତି ଟ୍ରମ୍ପ । ଏଥିପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ସବୁଠୁ ବଡ଼ କଥା ହେଉଛି ଏହି ନିର୍ମାଣ କାର୍ଯ୍ୟ ପାଇଁ କୌଣସି ସରକାରୀ ଟଙ୍କା ଖର୍ଚ୍ଚ ହେବନି, ଘରୋଇ ପାଣ୍ଠିରୁ ଏହି ଟଙ୍କା ଖର୍ଚ୍ଚ କରି ହ୍ୱାଇଟ୍ ହାଉସ୍‌କୁ ଐତିହାତିକ ବନାଇବା ପାଇଁ ଚେଷ୍ଟା କରୁଛନ୍ତି ଟ୍ରମ୍ପ । ଯାହାକୁ ନେଇ ମଧ୍ୟ ଟ୍ରମ୍ପ ଚର୍ଚ୍ଚାକୁ ଆସିଛନ୍ତି ।

# ଶୀତଦିନେ ଗରମ ପାଣିରେ ଗାଧୋଇବା ଆଣିପାରେ ବଡ଼ ବିପଦ



ଶୀତଦିନେ ଗରମ ପାଣିରେ ଗାଧୋଇବା ବହୁତ ଆରାମଦାୟକ ହୋଇଥାଏ, କିନ୍ତୁ ଏହା କ୍ଷତିକାରକ ମଧ୍ୟ ହୋଇପାରେ। ଗରମ ପାଣି ସହିତ ସଂସ୍ପର୍ଶରେ ଆସିଲେ, ଶରୀରର ତାପମାତ୍ରା ଦ୍ରୁତ ଗତିରେ ବୃଦ୍ଧି ପାଏ। ଏହା ରକ୍ତବାହୀ ନଳୀଗୁଡ଼ିକୁ ବିସ୍ତାର କରେ, ହୃଦସ୍ପନ୍ଦନ ବୃଦ୍ଧି ପାଏ ଏବଂ ରକ୍ତଚାପରେ ପରିବର୍ତ୍ତନ ଆସେ।

ଗରମ ପାଣି ଚର୍ମର ପ୍ରାକୃତିକ ତୈଳ ସ୍ତରକୁ ଶୁଖାଇବା ସହିତ, ଏହା ଚର୍ମକୁ ଅଧିକ ଶୁଷ୍କ କରିଦିଏ। ଏହିପରି ଗରମ ପାଣିରେ ବାରମ୍ବାର ଗାଧୋଇବା ଦ୍ୱାରା କେଶ ଝଡ଼ିବା, ଥକାପଣ ଏବଂ ରୋଗପ୍ରତିରୋଧକ ଶକ୍ତି ପ୍ରଣାଳୀ ଦୁର୍ବଳ ହୋଇପାରେ। ଗରମ ପାଣିରେ ଅଧିକାଂଶ ସମୟ ଗାଧୋଇବା ଅଭ୍ୟାସ ଚର୍ମର ବାର୍ଦ୍ଧକ୍ୟ, ଆଲର୍ଜି ଏବଂ ଏକଜିମା ମଧ୍ୟ ବୃଦ୍ଧି କରିପାରେ। ତେଣୁ, ଆରାମ ପାଇଁ ଅତ୍ୟଧିକ ଗରମ ପାଣିରେ ଗାଧୋଇବା ଶରୀରର ପ୍ରାକୃତିକ ସନ୍ତୁଳନକୁ ବିପର ?ୟସ୍ତ କରେ। ଥଣ୍ଡାରୁ ମୁକ୍ତି ପାଇବା ଏବଂ ଶରୀରର କ୍ଷତି ଏଡାଇବା ପାଇଁ ପାଣିକୁ ଟିକେ ଉଷୁମ ରଖିବା ଭଲ।

**ଶୀତଦିନେ ଗରମ ପାଣିରେ ଗାଧୋଇଲେ କ'ଣ ହୁଏ ?**

ଗରମ ପାଣି ସଂସ୍ପର୍ଶରେ ଆସିଲେ ଚର୍ମର ରକ୍ତବାହୀ ନଳୀଗୁଡ଼ିକ ପ୍ରସାରିତ ହୁଏ। ଏହା ରକ୍ତ ପ୍ରବାହକୁ ବୃଦ୍ଧି କରେ ଏବଂ ଶରୀର କିଛି ସମୟ ପାଇଁ ଗରମ ଅନୁଭବ କରେ। କିନ୍ତୁ, ଗାଧୋଇବା ପରେ ଶରୀର ଥଣ୍ଡା ପବନର ସମ୍ମୁଖକୁ ଆସିଲେ, ଚର୍ମଗୁଡ଼ିକ ହଠାତ୍ ସଙ୍କୁଚିତ ହୋଇଯାଏ। ଏପରି ପରିସ୍ଥିତିରେ, ଯଦି କାହାକୁ ହୃଦୟ ସମ୍ବନ୍ଧୀୟ ସମସ୍ୟା ଥାଏ, ତେବେ ସେ ଗମ୍ଭୀର ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ଗରମ ପାଣିରେ ଗାଧୋଇଲେ କଣ ଅସୁବିଧାର ସମ୍ମୁଖୀନ ହେବେ ?**

ଯେକୌଣସି ଋତୁରେ ଗରମ ପାଣିରେ ସ୍ନାନ କରିଲେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଗରମ ପାଣି ଚର୍ମର ପ୍ରାକୃତିକ ତୈଳ ସ୍ତରକୁ ସଙ୍କୁଚିତ କରିଦିଏ, ଏହାକୁ ଅଧିକ ଶୁଷ୍କ କରିଦିଏ। ବାରମ୍ବାର ଗରମ ପାଣିରେ ସ୍ନାନ କରିବା ଦ୍ୱାରା କେଶ ଝଡ଼ିବା ଏବଂ ମୁଣ୍ଡ ଶୁଷ୍କ ହୋଇପାରେ। ଏହା ବ୍ୟତୀତ, ବାରମ୍ବାର ଗରମ ପାଣିରେ ସ୍ନାନ ଚର୍ମର ବାର୍ଦ୍ଧକ୍ୟକୁ ତ୍ୱରାନ୍ୱିତ କରେ, ଅର୍ଥାତ୍ କୁଞ୍ଚନ ଶୀଘ୍ର ଦେଖାଯାଏ। ଅତ୍ୟଧିକ ଗରମ ପାଣି ଶରୀରର ତାପମାତ୍ରାକୁ ଦ୍ରୁତ ଗତିରେ ବୃଦ୍ଧି କରେ, ଯାହା ଅସ୍ଥାୟୀ ଭାବରେ ରକ୍ତଚାପ ଏବଂ ହୃଦସ୍ପନ୍ଦନକୁ ବୃଦ୍ଧି କରିପାରେ। ସମ୍ବେଦନଶୀଳ ଚର୍ମ ଥିବା ଲୋକମାନେ ମଧ୍ୟ ଆଲର୍ଜି କିମ୍ବା ରାସେଲ୍ସ ଅନୁଭବ କରିପାରନ୍ତି।

**ଅତ୍ୟଧିକ ଗରମ ପାଣିରେ ଗାଧୋଇବା ଦ୍ୱାରା ହାର୍ଟ ଉପରେ କ'ଣ ପ୍ରଭାବ ପଡେ ?**

ଶୀତଦିନେ, ଅତ୍ୟଧିକ ଗରମ ପାଣିରେ ଗାଧୋଇବା ଦ୍ୱାରା ଶରୀରର ତାପମାତ୍ରା ଦ୍ରୁତ ଗତିରେ ବୃଦ୍ଧି ପାଏ। ଗରମ ପାଣି ଶରୀରରେ ରକ୍ତବାହୀ ନଳୀଗୁଡ଼ିକୁ ବୃଦ୍ଧି କରେ। ଏହାର ଅର୍ଥ ହେଉଛି ରକ୍ତବାହୀ ନଳୀଗୁଡ଼ିକ ବିସ୍ତାରିତ ହୁଏ, ରକ୍ତ ପ୍ରବାହ ବୃଦ୍ଧି ପାଏ ଏବଂ ହୃଦସ୍ପନ୍ଦନକୁ ତ୍ୱରାନ୍ୱିତ କରେ। ଗାଧୋଇବା ପରେ ଶରୀର ଥଣ୍ଡା ପବନର ସମ୍ମୁଖକୁ ଆସିଲେ ଶରୀରରେ ରକ୍ତବାହୀ ନଳୀଗୁଡ଼ିକ ସଙ୍କୁଚିତ ହୋଇଯାଏ। ଏହାର ଅର୍ଥ ହେଉଛି ରକ୍ତବାହୀ ନଳୀଗୁଡ଼ିକ ସଙ୍କୁଚିତ ହୋଇ ରକ୍ତଚାପରେ ହଠାତ୍ ବୃଦ୍ଧି ପାଇପାରେ। ଯେଉଁମାନଙ୍କର ପୂର୍ବରୁ ହୃଦରୋଗ ଅଛି ସେମାନଙ୍କ ପାଇଁ ଏହା ବିପଦଜ୍ଜନକ ହୋଇପାରେ।

**ଗରମ ପାଣିରେ ଗାଧୋଇବା ଦ୍ୱାରା କେଶ ଝଡେ କାହିଁକି ?**

ଗରମ ପାଣିରେ ଗାଧୋଇବା ଦ୍ୱାରା ମୁଣ୍ଡରୁ ପ୍ରାକୃତିକ ତେଲ ଦୂର ହୋଇଯାଏ। ଏହି ତେଲ କେଶକୁ ଆର୍ଦ୍ର ଏବଂ ମଜବୁତ ରଖେ। ଯେତେବେଳେ ଏହି ତେଲ ରହିନଥାଏ, ମୁଣ୍ଡ ଶୁଷ୍କ ହୋଇଯାଏ, ଏବଂ କେଶ ଦୁର୍ବଳ ହୋଇ ଝଡ଼ିବା ଆରମ୍ଭ କରେ। ବାରମ୍ବାର ଗରମ ପାଣିରେ ଗାଧୋଇବା ଦ୍ୱାରା କେଶ ମୂଳ ଦୁର୍ବଳ ହୋଇଯାଏ ଏବଂ କେଶର ସୁସ୍ଥ ବୃଦ୍ଧି ବାଧାପ୍ରାପ୍ତ ହୋଇପାରେ।

**ଶୀତଦିନେ ଗାଧୋଇବା ପାଇଁ ପାଣିର ତାପମାତ୍ରା କେତେ ହେବା ଉଚିତ ?**

ଶୀତଦିନେ ଗାଧୋଇବା ପାଇଁ ପାଣିର ନିରାପଦ ତାପମାତ୍ରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଅତ୍ୟଧିକ ଥଣ୍ଡା କିମ୍ବା ଅତ୍ୟଧିକ ଗରମ ପାଣିରେ ଗାଧୋଇବା ଉଚିତ ନୁହେଁ। ଥଣ୍ଡା ପାଣି ଶରୀରକୁ ହଠାତ୍ ଆଘାତ ଦେଇଥାଏ, ଯାହା ରକ୍ତଚାପ, ହୃଦସ୍ପନ୍ଦନ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିଥାଏ। ଅତ୍ୟଧିକ ଗରମ ପାଣି ଚର୍ମର ପ୍ରାକୃତିକ ତୈଳ ସ୍ତରକୁ ନଷ୍ଟ କରିଦିଏ, କେଶକୁ ଦୁର୍ବଳ କରିଦିଏ ଏବଂ ହୃଦସ୍ପନ୍ଦନକୁ ଅସ୍ୱାଭାବିକ ଭାବରେ ବୃଦ୍ଧି କରିପାରେ।

ଏଠାରେ ସାଧାରଣ ପାଣିର ଅର୍ଥ ନୁହେଁ ଯେ କିଛି ଘଣ୍ଟା ଧରି ଟାଙ୍କି କିମ୍ବା ଡ୍ରମରେ ସଂରକ୍ଷଣ କରାଯାଇଥିବା ପାଣିରେ ଗାଧୋଇବା। ଏହା ଶୀତଦିନେ ବରଫ ଭଳି ଥଣ୍ଡା ହୋଇଯାଏ। ଏହାର ଅର୍ଥ ଫୁଟୁଥିବା ପାଣିରୁ ନିର୍ଗତ ବାଷ୍ପ ସହିତ ଗାଧୋଇବା ମଧ୍ୟ ଠିକ୍? ନୁହେଁ। ହାଲୁକା ଉଷୁମ ଥିବା ପାଣି, କିମ୍ବା ଚୁଆ ପାଣିରେ ଗାଧୋଇବା ଭଲ । ଏହା ବେଶି ଥଣ୍ଡା ରହିନଥାଏ କି ଅଧିକ ଗରମ ମଧ୍ୟ ନଥାଏ।

# ଶୀତଦିନେ ଖାଆନ୍ତୁ ପ୍ରଚୁର ପରିମାଣରେ ଗ୍ରୀନ୍ ମଟର



ଶୀତ ଋତୁରେ ଅନେକ ପ୍ରକାରର ପନିପରିବା ମିଳେ, ଯାହା ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ପରିବା ବଜାରରେ ଏବେ ସ୍ପ୍ରୀଙ୍ଗ୍ ଓନିୟନ୍, ତଟକା ଫୁଲକୋବି, ଦେଶୀ ବିନ୍ସ, ବନ୍ଧାକୋବି, ବ୍ରୋକୋଲି ଆଦି ନାନା 'ୱିଣ୍ଟର୍ ଭେଜିଟେବଲ' ର ଆସର ଜମିଛି । ଏଥିମଧ୍ୟରୁ ଗ୍ରୀନ୍ ମଟର ପ୍ରତି ଲୋକଙ୍କ ଅଧିକ ଚାହିଦା ବଢିଛି । ଗ୍ରୀନ୍ ମଟରର ତରକାରୀ, ପରଟା ଖାଇବା ପାଇଁ ପିଲାଙ୍କ ଭିତରେ ମଧ୍ୟ ଆଗ୍ରହ ବଢୁଛି। ଖାଲି ପାଟିକୁ ସୁଆଦିଆ ନୁହଁ, ସୁସ୍ଥ ଶରୀର ପାଇଁ ମଧ୍ୟ ଗ୍ରୀନ୍ ମଟର ଖୁବ୍ ଲାଭଦାୟକ । ତେବେ ଆସନ୍ତୁ ଜାଣିବା ଗ୍ରୀନ୍ ମଟର ଆମ ଶରୀରକୁ ସୁସ୍ଥ କରିବା ଦିଗରେ କେମିତି କାମ କରେ । ମଟର ଏକ ସୁପରଫୁଡ୍, ଯାହା ପ୍ଲାଣ୍ଟ-ବେସ୍ଡ ପ୍ରୋଟିନ୍, ଫାଇବର ଏବଂ ଆବଶ୍ୟକ ଭିଟାମିନରେ ଭରପୁର । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ସବୁଜ ମଟର ଖାଇବା ଯେତିକି ସ୍ୱାଦିଷ୍ଟ ତାଠୁ ବେଶି ସ୍ୱାସ୍ଥ୍ୟ ହିତକର । ଆସନ୍ତୁ ଜାଣିବା ଶୀତଦିନେ ମଟର କାହିଁକି ଖାଇବା ଉଚିତ ଗ୍ରୀନ୍ ମଟର ଖାଇଲେ କେଉଁ ରୋଗ ଭଲ ହୁଏ।

**ଶୀତଦିନେ ମଟର କାହିଁକି ଖାଇବା ଉଚିତ୍ ?**



ସବୁଜ ମଟର ପୋଷକ ତତ୍ତ୍ୱରେ ଭରପୁର ଥାଏ । ମଟରରେ ଭିଟାମିନ୍ ସି, କ୍ୟାଲସିୟମ୍, ଆଇରନ୍, ଫୋଲେଟ୍, ଫାଇବର, ମ୍ୟାଗ୍ନେସିୟମ୍, ଫସଫରସ୍ ଏବଂ ପୋଟାସିୟମ୍ ଭଳି ଅନେକ ଜରୁରୀ ପୋଷକ ତତ୍ତ୍ୱ ରହିଛି । ଏହା ବ୍ୟତୀତ ମଟର ପ୍ରୋଟିନରେ ଭରପୁର ଅଟେ । ଏଥିରେ ଆମିନୋ ଏସିଡ୍ ମଧ୍ୟ ପ୍ରଚୁର ପରିମାଣରେ ମିଳିଥାଏ। ଶାକାହାରୀମାନଙ୍କ ପାଇଁ ଏହାକୁ ପ୍ରୋଟିନର ସବୁଠାରୁ ଭଲ ଉତ୍ସ ବୋଲି କୁହାଯାଇପାରେ । ଖାଦ୍ୟରେ ନିୟମିତ ମଟର ସାମିଲ କରିବା ଦ୍ୱାରା ପ୍ରୋଟିନର ଅଭାବ ହେବ ନାହିଁ ଏବଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ।

**ହାର୍ଟ ସୁସ୍ଥ ରୁହେ**

ମଟରରେ ପୋଟାସିୟମ୍ ପ୍ରଚୁର ପରିମାଣରେ ଥାଏ । ଏହା ବ୍ୟତୀତ ଫାଇବର ମଧ୍ୟ ଭଲ ମାତ୍ରାରେ ଥାଏ । ଏହା ଖରାପ କୋଲେଷ୍ଟ୍ରଲକୁ କମ୍ କରିବାରେ ସାହାଯ୍ୟ କରେ ଏବଂ ହୃଦୟର ସ୍ୱାସ୍ଥ୍ୟକୁ ଭଲ ରଖେ । ରିସର୍ଚ୍ଚ ଅନୁଯାୟୀ, ମଟର ଖାଇବା ଦ୍ୱାରା ଖରାପ କୋଲେଷ୍ଟ୍ରଲ କମିଥାଏ।

**ହାଡ ପାଇଁ ଲାଭଦାୟକ**

ଗ୍ରୀନ୍ ମଟର କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଭିଟାମିନ୍ 'କେ' (କ) ରେ ଭରପୁର ଥାଏ । ଏଗୁଡ଼ିକ ହାଡକୁ ମଜବୁତ ରଖିବାରେ ସାହାଯ୍ୟ କରନ୍ତି । ବୟସ ବଢିବା ସହିତ ହାଡ ଦୁର୍ବଳ ହୋଇଯାଏ, କିନ୍ତୁ ମଟର ଖାଇବା ଦ୍ୱାରା ଏହି ସମସ୍ୟାକୁ ରୋକିବାରେ ସାହାଯ୍ୟ ମିଳିପାରେ ।

**ପାଚନ ତନ୍ତ୍ର ମଜବୁତ**

ମଟର ଫାଇବରରେ ଭରପୁର ଥାଏ, ଯାହା ପାଚନ ତନ୍ତ୍ର ପାଇଁ ବହୁତ ଭଲ । ନିୟମିତ ଭାବେ ମଟର ସେବନ କରିବା ଦ୍ୱାରା ଅନେକ ରୋଗରୁ ମଧ୍ୟ ରକ୍ଷା ମିଳିଥାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ମଧ୍ୟ ଭାରି ଉପକାରୀ ଗ୍ରୀନ୍ ମଟର । ଏଥିରେ ଜିଆଇ କମ୍ ଥିବାରୁ ଏହା ସୁଗାରକୁ କଣ୍ଟ୍ରୋଲ୍ କରିଥାଏ ।

**ଓଜନ କମାଇବାରେ ସହାୟକ**

ମଟରରେ ହାଇ ଫାଇବର ଏବଂ ପ୍ରୋଟିନ୍ ଥାଏ, ଯାହା ଅଧିକ ଖାଇବାର ଇଚ୍ଛାକୁ ନିୟନ୍ତ୍ରଣ କରେ । ଏହାଦ୍ୱାରା ବହୁତ ସମୟ ପର୍ଯ୍ୟନ୍ତ ପେଟ ଭର୍ତ୍ତି ରୁହେ, ଯାହାଦ୍ୱାରା ଅନାବଶ୍ୟକ ସ୍ନାକ୍ସ ଖାଇବା କମିଯାଏ । ତେଣୁ ମଟର ଖାଇବା ଓଜନ କମାଇବାରେ ସାହାଯ୍ୟ କରେ ଏବଂ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ଅଟେ।

# The Earth Is Speaking-But Are We Listening?



Nihar Ranjan Acharya

In the race of progress, humans have achieved remarkable milestones. We have built cities that touch the sky, technology that speaks back to us, and machines that travel beyond the stars. Yet, somewhere in this journey, we forgot the most important truth:

We do not own the Earth— we are only borrowing it.

Today, the environment is not just a chapter in textbooks or a documentary subject. It is a global emergency. Climate change, air pollution, soil degradation, species extinction, water scarcity — these are not distant concerns anymore. They are happening now, affecting every breath we take, every drop we drink, and every seed we plant.

**Our Air : From Breathable to Hazardous**

Cities that once smelled of rain and flowers now smell of smog and exhaust. The air quality index climbs higher, not with oxygen, but with toxins. Asthma, heart diseases, and respiratory illnesses are increasing — not because nature changed, but because we did.

**Our Water : Abundant yet Unusable**

Rivers that once nourished civilizations now carry industrial waste, sewage, and plastic. Oceans — the cradle of life — are suffocating under millions of tonnes of plastic. Freshwater sources are shrinking faster than we can restore them.

A future where clean water becomes a luxury is not science fiction — it is a possibility.

Our Soil : The Silent Victim




We celebrate harvests, but forget the hands that feed us: the soil."Excessive chemicals, deforestation, and construction have damaged the very foundation of food security. A single inch of fertile soil takes 500 years to form, and only a few moments to destroy.

Our Biodiversity : A Vanishing Treasure

Animals, insects, birds — the intricate web of life — is disappearing. Species that took millions of years to evolve are disappearing in decades. Every extinction is not just loss — it is weakening of Earth's balance.

Hope Still Exists — If We Act Now

Though the crisis is alarming, hope remains. The Earth is forgiving — it heals when given a chance.

Every tree planted, every plastic avoided, every litre of water saved, every sustainable choice made — creates impact.

We don't need one person doing everything perfectly."We need millions doing something consistently.

The Path Ahead

To protect the environment, we must embrace:

Clean energy

Responsible consumption

Waste reduction and recycling

Conservation of forests and wildlife

Sustainable agriculture

Environmental education and policy action

**A Final Reminder**

Nature does not need us— we need nature.

A broken phone can be replaced.

A damaged planet cannot.

Let us not become the generation remembered for destroying the Earth

Let us be the one known for saving it.

**Because protecting the environment is not activism**

It is survival.

It is responsibility.

It is love for the future.

Ph. 8249775817
E-Mail: nihar.acharya1973@gmail.com



# ଇଚ୍ଛାମୃତ୍ୟୁ ପାଇଁ ସୁପ୍ରିମକୋର୍ଟରେ ଆବେଦନ

## ସମ୍ବିଧାନରେ ଏଥିପାଇଁ ଆଇନ କ'ଣ ଅଛି



**ନୂଆଦିଲ୍ଲୀ :** ଗାଜିଆବାଦର ବାସିନ୍ଦା ଅଶୋକ ରାଣା ଏବଂ ନିର୍ମଳା ରାଣା ସୁପ୍ରିମକୋର୍ଟରେ ସେମାନଙ୍କ ପୁଅ ହରିଶଙ୍କ ପାଇଁ ଇଚ୍ଛାମୃତ୍ୟୁ ଲାଗି ଆବେଦନ କରୁଛନ୍ତି। ଡିସେମ୍ବର ୧୧ ତାରିଖରେ ଏକ ଶୁଣାଣି ସମୟରେ ସୁପ୍ରିମକୋର୍ଟ ଦିଲ୍ଲୀ ଏମ୍ସକୁ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୮ ତାରିଖରେ ହେବ। ହରିଶଙ୍କ ପିତାମାତା ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ଇଚ୍ଛା ମୃତ୍ୟୁ ପାଇଁ ସମାନ ଆବେଦନ ଦାଖଲ କରିଥିଲେ, କିନ୍ତୁ ଉଭୟକୁ ଆବେଦନକୁ ଅଦାଲତ ଖାରଜ କରି ଦେଇଥିଲେ ।

ଜଣେ ଯୁବକଙ୍କ ପିତାମାତା କାହିଁକି ନିଜ ପୁଅ ପାଇଁ ଇଚ୍ଛାମୃତ୍ୟୁ ନିମନ୍ତେ ଆବେଦନ କରିବେ? ଭାରତରେ ଏହାକୁ ନିୟନ୍ତ୍ରଣ କରୁଥିବା ଆଇନ କ'ଣ? ପୂର୍ବରୁ କିଏ ଇଚ୍ଛାମୃତ୍ୟୁ ପାଇଛନ୍ତି? ଏ ବିଷୟରେ ଜାଣନ୍ତୁ:

**ସୁପ୍ରିମକୋର୍ଟରେ ବର୍ତ୍ତମାନ ହରିଶ ରାଣା ମାମଲା କ'ଣ ?**

ଦିଲ୍ଲୀରେ ଜନ୍ମିତ ହରିଶ ରାଣା ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ବି.ଟେକ୍ ଡିଗ୍ରୀ ହାସଲ କରୁଥିଲେ। ୨୦୧୩ ମସିହାରେ, ସେ ତାଙ୍କ ହଷ୍ଟେଲର ଚତୁର୍ଥ ମହଲାରୁ ଖସିପଡ଼ିଥିଲେ। ଏହା ଫଳରେ ତାଙ୍କ ଶରୀରରେ ପକ୍ଷାଘାତ ହୋଇଥିଲା । ପରେ ସେ କୋମାକୁ ଚାଲି ଯାଇଥିଲେ। ସେ କଥା କହି ପାରୁନାହାଁନ୍ତି କିମ୍ବା ସ୍ପର୍ଶ ଅନୁଭବ କରିପାରୁ ନାହାନ୍ତି ।

ଡାକ୍ତର ପ୍ରକାଶ କରିଛନ୍ତି ଯେ ହରିଶ୍‌ଙ୍କ ମସ୍ତିଷ୍କର ସ୍ନାୟୁ ସମ୍ପୂର୍ଣ୍ଣ ଶୁଖିଯାଇଛି। ତାଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ଦିଲ୍ଲୀର ଦ୍ୱାରକାରେ ଥିବା ଘର ବିକ୍ରି ହୋଇଯାଇଛି। ତାଙ୍କ ପରିବାର ଏବେ ଗାଜିଆବାଦରେ ଏକ ଦୁଇ କୋଠରୀ ବିଶିଷ୍ଟ ଛୋଟ ଫ୍ଲାଟରେ ରହୁଛନ୍ତି। ହରିଶଙ୍କ ବାପା ଅଶୋକ ରାଣା ପୂର୍ବରୁ ତାଜ୍ କ୍ୟାଟରିଂରେ କାମ କରୁଥିଲେ। ଅବସର ନେବା ପରେ, ସେ ଏବେ ମାସିକ ୩,୬୦୦ ଟଙ୍କା ପେନସନ୍ ପାଉଛନ୍ତି । ଏତିକି ଟଙ୍କା ପରିବାର ପ୍ରତିପୋଷଣ ପାଇଁ ଅତି କମ୍ ।

ଶନିବାର ଏବଂ ରବିବାରରେ ଘର ଖର୍ଚ୍ଚ ଏବଂ ତାଙ୍କ ପୁଅର ଚିକିତ୍ସା ପାଇଁ ଗାଜିଆବାଦର ଏକ କ୍ରିକେଟ୍ ଗ୍ରାଉଣ୍ଡରେ ସାଣ୍ଡୱିଚ୍ ଏବଂ ବର୍ଗର ବିକ୍ରି କରନ୍ତି। ତାଙ୍କ ପୁଅର ଚିକିତ୍ସା ପାଇଁ ଆଉ ତାଙ୍କ ପାଖରେ ଟଙ୍କା ନାହିଁ, ତେଣୁ ସେ ଅଦାଲତରେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଛନ୍ତି ବୋଲି କହିଛନ୍ତି ।

ପୁଅର ଆରୋଗ୍ୟ ପାଇଁ ଆଶା ହରାଇ ଦେଇଥିବା କଥା ହରିଶଙ୍କ ମାଆ ନିର୍ମଳା ରାଣା କହିଛନ୍ତି । ପୁଅର ଯତ୍ନ ନେବା ପାଇଁ କେହି ନାହାନ୍ତି। ହରିଶଙ୍କ ମାସିକ ଚିକିତ୍ସା ଖର୍ଚ୍ଚ ଅତି କମରେ ୨୫,୦୦୦-୩୦,୦୦୦ ଟଙ୍କା। ତାଙ୍କ ପୁଅ ସହିତ ଯାହା ଘଟୁଛି ତାହା ଅନ୍ୟ କାହା ସହିତ ନହେବା ଉଚିତ୍ ବୋଲି ନିର୍ମଳା କହିଛନ୍ତି।

ହରିଶଙ୍କୁ କ୍ୱାଡ୍ରିପ୍ଲେଜିଆ ରୋଗ ହୋଇଥିବା ଡାକ୍ତରମାନେ କହିଛନ୍ତି । ଏହି କ୍ଷେତ୍ରରେ, ରୋଗୀ ସମ୍ପୂର୍ଣ୍ଣ ଭାବରେ ଏକ ଖାଦ୍ୟ ଟ୍ୟୁବ୍ ଏବଂ ଭେଣ୍ଟିଲେଟର ସହାୟତା ଉପରେ ନିର୍ଭରଶୀଳ। ସୁସ୍ଥ ହେବାର କୌଣସି ସମ୍ଭାବନା ନାହିଁ। ହରିଶଙ୍କ ପିତାମାତା ଏଥିପାଇଁ ଇଚ୍ଛାମୃତ୍ୟୁ ଚାହୁଁଛନ୍ତି । ପ୍ରାୟ ୧୨ ବର୍ଷ ଧରି ଶଯ୍ୟାଶାୟୀ ରହିବାରୁ, ହରିଶଙ୍କ ଶରୀରରେ ଘା' ହୋଇଯାଇଛି । ତାଙ୍କ ଅବସ୍ଥା ଦିନକୁ ଦିନ ଅତି ଖରାପ ହେବାରେ ଲାଗିଛି । ଏହି ଅବସ୍ଥା ଅତି ଯନ୍ତ୍ରଣାଦାୟକ। ତାଙ୍କ ପରିବାର ପାଇଁ ତାଙ୍କୁ ଏପରି ଦେଖିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ବର୍ଷ ବର୍ଷ ଧରି, ଭେଣ୍ଟିଲେଟର, ଔଷଧ, ନର୍ସିଂ ଏବଂ ଯତ୍ନରେ ଏତେ ଖର୍ଚ୍ଚ ହୋଇଛି ଯେ ପରିବାର ଆର୍ଥିକ ଭାବରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି।

**ଭାରତୀୟ ସମ୍ବିଧାନରେ ଇଚ୍ଛାମୃତ୍ୟୁ ସମ୍ପର୍କରେ ଆଇନ କ'ଣ ଅଛି ?**

୨୦୦୫ ମସିହାରେ, କମନ୍ କଜ୍ ନାମକ ଏକ ଏନଜିଓ ସୁପ୍ରିମକୋର୍ଟରେ ନିଷ୍କ୍ରିୟ ଇଚ୍ଛାମୃତ୍ୟୁର ଅଧିକାର ପାଇଁ ଏକ ଆବେଦନ ଦାଖଲ କରିଥିଲା। ୯ ମାର୍ଚ୍ଚ, ୨୦୧୮ ରେ, ମୁଖ୍ୟ ବିଚାରପତି ଦୀପକ ମିଶ୍ରଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ଖଣ୍ଡପୀଠ ଇଚ୍ଛାମୃତ୍ୟୁକୁ ବୈଧ କରିଥିଲେ। ତା'ପରେ ସୁପ୍ରିମକୋର୍ଟ କହିଥିଲେ, ଯଦି କୌଣସି ରୋଗୀର ମାରାତ୍ମକ ରୋଗ ଅଛି କିମ୍ବା ସେ କେବଳ ଜୀବନ ସହାୟକ ପ୍ରଣାଳୀରେ ବଞ୍ଚୁଛନ୍ତି, ତେବେ ପ୍ରାକୃତିକ ମୃତ୍ୟୁ ପାଇଁ ସେମାନଙ୍କର ଚିକିତ୍ସା ବନ୍ଦ କରାଯାଇପାରେ। ଏହାକୁ ଇଚ୍ଛାମୃତ୍ୟୁ ବୋଲି ବିବେଚନା କରାଯିବ ନାହିଁ, ବରଂ ସମ୍ମାନର ସହିତ ମୃତ୍ୟୁର ଅଧିକାର ବୋଲି କୁହାଯିବ। ଏହି ଅଧିକାର ସମ୍ବିଧାନର ଧାରା ୨୧ ର ଏକ ଅଂଶ, ଯାହା ସମ୍ମାନର ସହିତ ବଞ୍ଚିବା ଏବଂ ସମ୍ମାନର ସହିତ ମୃତ୍ୟୁର ଅଧିକାର ପ୍ରଦାନ କରେ।

**ଇଚ୍ଛାମୃତ୍ୟୁ ସମ୍ପର୍କରେ କ'ଣ ନିୟମ ଅଛି ?**

୨୦୧୮ ରେ, ନିଷ୍କ୍ରିୟ ଇଚ୍ଛାମୃତ୍ୟୁକୁ ଆଇନଗତ କରିବା ସମୟରେ, ସୁପ୍ରିମକୋର୍ଟ ଏଥିପାଇଁ ଦୁଇ ପ୍ରକାରର ନିୟମ ସ୍ଥାପନ କରିଥିଲେ...

ଯେତେବେଳେ ରୋଗୀ ପୂର୍ବରୁ ଏକ 'ଜୀବନ୍ତ ଇଚ୍ଛାପତ୍ର' ଲେଖିସାରିଛନ୍ତି । ରୋଗୀ, ମାନସିକ ଭାବରେ ସୁସ୍ଥ ଥିବା ବେଳେ, ସ୍ୱେଚ୍ଛାକୃତ ଭାବରେ ଏହି ଇଚ୍ଛାମୃତ୍ୟୁ ପାଇଁ ପତ୍ର ଲେଖିଥାଆନ୍ତି । ଯେଉଁ ରୋଗୀଙ୍କର ଅସାଧ୍ୟ ରୋଗ ହୋଇଥାଏ। ସେମାନେ ନିରନ୍ତର କଷ୍ଟ ପାଉ ଥାଆନ୍ତି ଓ ବଞ୍ଚିବାର ଆଶା କମ୍ ଥାଏ ସେହି ସବୁ ମାମଲାରେ ଇଚ୍ଛା ମୃତ୍ୟୁ ପାଇଁ ଆବେଦନ କରିପାରନ୍ତି ।

**ସୁପ୍ରିମକୋର୍ଟ ଏଥିପାଇଁ କିଛି ନିୟମ କରିଛନ୍ତି...**

କେବଳ ୧୮ ବର୍ଷରୁ ଅଧିକ ବୟସର ଏବଂ ସୁସ୍ଥ ବ୍ୟକ୍ତି ଏକ ଇଚ୍ଛାମୃତ୍ୟୁ ପାଇଁ ଲେଖିପାରିବେ। ରୋଗୀଙ୍କୁ ଦୁଇଜଣ ସାକ୍ଷୀଙ୍କ ସମ୍ମୁଖରେ ଏଥିରେ ସ୍ୱାକ୍ଷର କରିବାକୁ ପଡିବ। ଦଲିଲଗୁଡ଼ିକୁ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଯାଞ୍ଚ କରାଯିବା ଆବଶ୍ୟକ।

ଚିକିତ୍ସା କରୁଥିବା ଡାକ୍ତର, ହସ୍ପିଟାଲର ମେଡିକାଲ ବୋର୍ଡ ଏବଂ ଏକ ବାହ୍ୟ ଜିଲ୍ଲାସ୍ତରୀୟ ମେଡିକାଲ ବୋର୍ଡର ଅନୁମୋଦନ ନେବାକୁ ପଡିବ।

ଉଭୟ ବୋର୍ଡ ଅନୁମୋଦନ କରିବା ପରେ ଭେଣ୍ଟିଲେଟର ଭଳି ଜୀବନ ସହାୟକ ପ୍ରଣାଳୀ ବନ୍ଦ କରାଯାଇପାରିବ।

ପରିବାରକୁ ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ବିଷୟରେ ଅବଗତ କରାଯିବ । କୌଣସି ବିବାଦ ହେଲେ, ହାଇକୋର୍ଟରେ ଏକ ଆବେଦନ ଦାଖଲ କରାଯାଇ ପାରିବ।

**ଯେତେବେଳେ କୌଣସି ଇଚ୍ଛାମୃତ୍ୟୁ ଆବେଦନ ନଥାଏ :**

ଯେତେବେଳେ ଜଣେ ରୋଗୀ ସଚେତନ ଅବସ୍ଥାରେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ ଦିଅନ୍ତି ନାହିଁ, ତାଙ୍କ ପରିବାର କିମ୍ବା ପ୍ରିୟଜନ ଏହି ନିଷ୍ପତ୍ତି ନେଇପାରିବେ। ତଥାପି, ଏହା ଏତେ ସହଜ ନୁହେଁ। ଏଥିପାଇଁ, ୨୦୧୮ ରେ ସୁପ୍ରିମକୋର୍ଟ ଦ୍ୱାରା ପ୍ରତିଷ୍ଠିତ ଏହି ନିୟମଗୁଡ଼ିକୁ ପାଳନ କରିବାକୁ ପଡିବ...

ହସ୍ପିଟାଲ ଡାକ୍ତରଙ୍କ ଏକ ବୋର୍ଡ ରୋଗୀଙ୍କ ଅବସ୍ଥା ଯାଞ୍ଚ କରେ ଏବଂ ଏକ ରିପୋର୍ଟ ପ୍ରସ୍ତୁତ କରେ।

**ନିଷ୍କ୍ରିୟ ଇଚ୍ଛାମୃତ୍ୟୁ କ'ଣ, ଏବଂ ଏହା ସକ୍ରିୟ ଇଚ୍ଛାମୃତ୍ୟୁ ଠାରୁ କିପରି ଭିନ୍ନ ?**

ଇଚ୍ଛାମୃତ୍ୟୁର ଦୁଇଟି ପଦ୍ଧତି ଅଛି...

**ନିଷ୍କ୍ରିୟ ଇଚ୍ଛାମୃତ୍ୟୁ:** ଏଥିରେ, ରୋଗୀଙ୍କ ଚିକିତ୍ସା କିମ୍ବା ଜୀବନ ସହାୟକ, ଯେପରିକି ଭେଣ୍ଟିଲେଟର, ଖାଦ୍ୟ ଟ୍ୟୁବ୍ କିମ୍ବା ଔଷଧ ବନ୍ଦ କରିଦିଆଯାଏ, ଯାହା ରୋଗୀଙ୍କର ସ୍ୱାଭାବିକ ଭାବରେ ମୃତ୍ୟୁ ହୋଇଥାଏ । ଡାକ୍ତରମାନେ କୌଣସି ନୂତନ ପ୍ରକ୍ରିୟା କରନ୍ତି ନାହିଁ, ସେମାନେ କେବଳ ଚିକିତ୍ସା ବନ୍ଦ କରିଦିଅନ୍ତି। ମୃତ୍ୟୁର କାରଣ ରୋଗ ହିଁ ରହିଥାଏ।

**ସକ୍ରିୟ ଇଚ୍ଛାମୃତ୍ୟୁ:** ଏଥିରେ, ଡାକ୍ତରମାନେ ରୋଗୀଙ୍କୁ ମାରିବା ପାଇଁ ଔଷଧ କିମ୍ବା ଇଞ୍ଜେକ୍ସନ ବ୍ୟବହାର କରନ୍ତି। ଏହା ଭାରତରେ ବେଆଇନ। ଯଦି କେହି ଜାଣିଶୁଣି ଔଷଧ ଦେଇ ରୋଗୀଙ୍କୁ ହତ୍ୟା କରନ୍ତି, ତେବେ ଏହାକୁ ଫୌଜଦାରୀ ପ୍ରକ୍ରିୟା ସଂହିତା ଧାରା ୧୦୭ ଅନୁଯାୟୀ ହତ୍ୟା କିମ୍ବା ଫୌଜଦାରୀ ପ୍ରକ୍ରିୟା ସଂହିତା ଅନୁଯାୟୀ ଆତ୍ମହତ୍ୟାରେ ସହାୟତା ବୋଲି ବିବେଚନା କରାଯାଏ।

ଜଣେ ରୋଗୀ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପାଇଁ ଯୋଗ୍ୟ କି ନୁହେଁ ତାହା କିପରି ନିର୍ଣ୍ଣୟ କରାଯାଏ? ଭାରତରେ, ଜଣେ ରୋଗୀଙ୍କୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଦେବାର ନିଷ୍ପତ୍ତି ଏକ ନିର୍ଦ୍ଦିଷ୍ଟ ଆଇନଗତ ଏବଂ ଚିକିତ୍ସା ଭିତ୍ତିରେ ଆଧାରିତ।


ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

ସବିଶେଷ ଯୋଗାଯୋଗ :
ମୋବାଇଲ୍ : ୬୩୭୧୪୧୭୩୬୧

Email:
voiceofvictim2019@gmail.com
voiceofvictimsnews@gmail.com
Website :
https://voiceofvictims.co.in
E-Paper :
voiceofvictimsepaper.in







Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** | ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର